## ସଂକ୍ଷେପରେ

### କ୍ୟାବିନ ଜାଳିଦେଲେ, ଥାନାରେ ଅଭିଯୋଗ

ବେଗୁନିଆ,୩୧।୩ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଧୀନ କୁଶପଲ୍ଲା ଗ୍ରାମରେ ଥିବା ଏକ ଦୋକାନ କ୍ୟାବିନରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ନିକଟ ପାନୀୟଜଳ ପ୍ରକଳ୍ପ ପରିସରରେ ଲଗାଯାଇଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ସୂଚନା ମୁତାବକ, କୁଶପଲ୍ଲା ଗ୍ରାମର ଦୀପକ କୁମାର ସେନାପତି ଏକ କ୍ୟାବିନ ମଧ୍ୟରେ ଗ୍ରୋସରି ସାମଗ୍ରୀ ରଖି ବିକ୍ରି କରନ୍ତି। ଶନିବାର ରାତିରେ ସେ କ୍ୟାବିନ ବନ୍ଦକରି ଘରକୁ ଯାଇଥିଲେ। ରବିବାର ଭୋରୁ ଦୀପକ କ୍ୟାବିନ ଖୋଲିବାକୁ ଯାଇ ଦେଖିବାବେଳକୁ ଜଳିପୋଡ଼ି ଛାର୍‌ଖାର ହୋଇଯାଇଛି। କ୍ୟାବିନରେ ଥିବା ପ୍ରାୟ ୪୦ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି।

### ମା’ ଦକ୍ଷିଣକାଳୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ

ବଡ଼ମ୍ବା,୩୧।୩ (ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ପଞ୍ଚାୟତସ୍ଥିତ ଜେନା ସାହିରେ ଥିବା ମା’ ଦକ୍ଷିଣକାଳୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟ ପୂଜା, ନାମ ସଙ୍କୀର୍ତ୍ତନ ସହ ଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। ମା’ ଦକ୍ଷିଣକାଳୀ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବାଦୀପାଲା ପରିବେଷଣ କରାଯାଇଥିଲା।

### ନବୀନ ନିବାସରେ ବିଜେଡି କର୍ପୋରେଟର

କଟକ, ୩୧।୩ (ଶିଳ୍ପା ପ୍ରିୟଦର୍ଶିନୀ)

ନବୀନ ନିବାସରେ ରବିବାର ଅପରାହ୍ନ ୪ଟାରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ବିଜେଡି କର୍ପୋରେଟରମାନେ ପହଞ୍ଚିଥିଲେ। ବାରବାଟୀ-କଟକ ବିଧାନସଭା ଆସନ ପାଇଁ କାହାକୁ ଟିକେଟ୍ ଦିଆଯିବ ସେ ସମ୍ପର୍କରେ ନବୀନ ନିବାସରେ ଆଲୋଚନା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ବାରବାଟୀ-କଟକ ବିଧାନସଭା ଆସନ ପାଇଁ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇ ନ ଥିବାବେଳେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା କ୍ରୀଡ଼ା ସଙ୍ଗଠକଙ୍କୁ ନେଇ ଶନିବାର ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟିଥିଲେ। ନିର୍ବାଚନ ପାଖେଇ ଆସୁଥିବାବେଳେ କଟକର ରାଜନୈତିକ ପାଣିପାଗ ସରଗରମ ହେବାରେ ଲାଗିଛି। ଇତିମଧ୍ୟରେ କର୍ପୋରେଟରମାନଙ୍କୁ ଡାକି ଟିକେଟ ସମ୍ପର୍କରେ ଆଲୋଚନା କରାଯିବା ନେଇ ହଟଚମଟ ସୃଷ୍ଟି କରିଛି। ଏହି ଆସନ ପାଇଁ ଦଳ ଯାହାକୁ ଟିକେଟ ଦେବ ତାଙ୍କୁ ସମର୍ଥନ କରିବା ସହ ଜିତାଇବା ଲକ୍ଷ୍ୟ ବୋଲି କୁହାଯାଇଛି। ତେବେ ଓସିଏ ସମ୍ପାଦକ ସଞ୍ଜୟ ନବୀନ ନିବାସ ଯିବା ଓ ଠିକ୍ ତା’ର ପରଦିନ କର୍ପୋରେଟରଙ୍କୁ ଡାକି ଆଲୋଚନା କରିବା ପ୍ରସଙ୍ଗକୁ ନେଇ ସଞ୍ଜୟଙ୍କ ଭାଗ୍ୟ ପରୀକ୍ଷା କରାଯାଉଥିବା ଚର୍ଚ୍ଚା ହେଉଛି। ବାରବାଟୀ-କଟକ ପାଇଁ କାହାକୁ ଟିକେଟ ମିଳିବ, ତାହା କେବଳ ଘୋଷଣା ହେବାକୁ ବାକି ରହିଛି।

# ୩ ମାମଲା: ଦିନକରେ ୪ କୋର୍ଟ ଚାଲାଣ

କଟକ,୩୧।୩(କାର୍ତ୍ତିକ ସାହୁ)

କଟକ ସହରରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଉଥିବାବେଳେ ଆପରାଧିକ କାର୍ଯ୍ୟକଳାପ ଉପରେ ପୋଲିସର କଡ଼ା ନଜର ରହିଛି। କମିଶନରେଟ ପୋଲିସ ଘନ ଘନ ବୈଠକ କରି ଅଧିକାରୀମାନଙ୍କୁ ଚେତାଇ ଦେଉଛି। ଏପରି କି ଫ୍ଲାଗ୍‌ମାର୍ଚ୍ଚ ଜରିଆରେ ଜନସାଧାରଣଙ୍କୁ ପୋଲିସ୍‌ର ଉପସ୍ଥିତି ସମ୍ପର୍କରେ ଅବଗତ କରାଯାଉଛି। ସହର ଯେପରି ଅଶାନ୍ତ ନହୁଏ ସେଥିପ୍ରତି ସବୁ ଥାନାର ଅଧିକାରୀ ବିଶେଷ ଯତ୍ନବାନ୍ ଅଛନ୍ତି। ଏପରିସ୍ଥଳେ ୩ଟି ମାମଲାରେ ୪ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ମଙ୍ଗଳାବାଗ ଥାନା ଅଞ୍ଚଳର ୨ଟି ମାମଲାରେ ୨ ଜଣ ଏବଂ ମାଲଗୋଦାମ ଥାନା ଅଞ୍ଚଳର ଗୋଟିଏ ମାମଲାର ୨ ଜଣ ଗିରଫ ହୋଇଛନ୍ତି।

ମଙ୍ଗଳାବାଗ ଥାନା ଅଧୀନ ରାଉସାପାଟଣାର ମାନସ ବାରିକ ୨୦୨୩ରେ ଠକାମିର ଶିକାର ହୋଇଥିଲେ। ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ବୁଦ୍ଧପଡ଼ାର ବାପୁନି ଓରଫ ଘନ ଭୋଇଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ମାନସଙ୍କୁ ୧୦ ଲକ୍ଷ ଟଙ୍କା



ମଙ୍ଗଳାବାଗ ପୋଲିସ ଗିରଫ କରିଥିବା ୨ ଅଭିଯୁକ୍ତ।

ଦେଲେ ପ୍ରତି ବଦଳରେ ୧୨ ଲକ୍ଷ ଟଙ୍କା ଦେବେ ବୋଲି ଲୋଭ ଦେଖାଇଥିଲେ। ପରେ ସେମାନେ ମାନସଙ୍କ ନିକଟରୁ ୧୦ ଲକ୍ଷ ଟଙ୍କାର ଅସଲି ନୋଟ୍ ନେଇ ନକଲି ନୋଟ୍ ଧରାଇଦେଇଥିଲେ। ଏ ନେଇ ମାନସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୨୦/୨୩) ରୁଜୁ କରିଥିଲା। ଏହି ଘଟଣାରେ ୪ ଜଣଙ୍କୁ ପୋଲିସ ଗିରଫ କରିବା ସହିତ ୧ ଲକ୍ଷ ୩୦ ହଜାର ଟଙ୍କା ଓ ବିଭିନ୍ନ ସୁନା ଅଳଙ୍କାର ଜବତ କରିଥିଲା। ହେଲେ ବାପୁନି ଫେରାର ଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି।

ସେହିପରି ମଙ୍ଗଳାବାଗ ଥାନା ଅଧୀନ ରାଣୀହାଟ ଅଞ୍ଚଳର ଶର୍ମିଳା ସେନ୍ ନାମ୍ନୀ ମହିଳାଙ୍କ ଘରୁ ଗୁପ୍ତଧନ ଉଦ୍ଧାର ଓ ଦୁଷ୍ଟଶକ୍ତିକୁ ବାହାର କରିବାର ଲୋଭ ଦେଖାଇ ୬୨ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ପୋଲିସ ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ କେଶରପୁର ଅଞ୍ଚଳର ମହମ୍ମଦ ଆସ୍‌ପାକ(୨୩)। ଏନେଇ ୨୦୨୩ ଏପ୍ରିଲ ୨୬ରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୧୪/୨୩) ରୁଜୁ କରିଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ମୌଲାନା କୈଫି ଖାନ୍‌ଙ୍କ ସମେତ ସମୀର ଖାନ୍ ଓ ଅମୀର ଖାନ୍‌ଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ନିକଟରୁ ଦାମୀଗାଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା।

ଭୁଜାଲିରେ ଆକ୍ରମଣ କରିବା ଅଭିଯୋଗରେ ମାଲଗୋଦାମ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ମାଲଗୋଦାମ ଥାନା ଅଧୀନ ଯୋବ୍ରା ମଲ୍ଲାସାହିର ରାଜା ରେଡ୍ଡୀ ଓ କୁନାଲ ଦାସ। ସେମାନଙ୍କ ନିକଟରୁ ଦୁଇଟି ଛୁରୀ, ଦୁଇଟି ମୋବାଇଲ୍ ଫୋନ୍, ଭଙ୍ଗା କ୍ରିକେଟ୍ ଷ୍ଟମ୍ପ, ସ୍କୁଟି ଓ ଅନ୍ୟ ଏକ ନମ୍ବରବିହିନ ବାଇକ୍ ଜବତ କରାଯାଇଛି। ସୂଚନା ଅନୁସାରେ, ଗତ ୨୯ ତାରିଖ ରାତିରେ ଯୋବ୍ରା ମଲ୍ଲାସାହି ଅଞ୍ଚଳର ବେଦପ୍ରକାଶ ବେହେରା ଓ ସାନ ଭାଇ ନିତ୍ୟପ୍ରକାଶ ବେହେରା ଯୋବ୍ରାସ୍ଥିତ ତାଙ୍କ ଦୋକାନରେ ଥିଲେ। ଏହି ସମୟରେ ରାଜା, କୁନାଲ, ଶିଖରପୁର ଅଞ୍ଚଳର ଦୀପୁ ଓ ଅନ୍ୟମାନେ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ସେମାନେ କୌଣସି କାରଣରୁ ଗାଳିଗୁଲଜ କରିବା ସହ ଦୋକାନର ସୋକେସ୍ ଓ ଥଣ୍ଡା ପାନୀୟ ବୋତଲଗୁଡ଼ିକୁ ଭାଙ୍ଗି ଦେଇଥିଲେ। ଏଥିସହ ଭୁଜାଲି, କ୍ରିକେଟ୍ ଷ୍ଟମ୍ପ ଦ୍ୱାରା ବେଦପ୍ରକାଶ ଓ ନିତ୍ୟପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ଏନେଇ ବେଦପ୍ରକାଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୬/୨୪) ରୁଜୁ କରିଛି।



ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସର ଅନ୍ତିମ ସନ୍ଧ୍ୟାରେ ରବିବାର ଷ୍ଟାର୍ ଇଭିନିଂ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ।

# ମନ ମୋହିଲା ନୃତ୍ୟ ସଙ୍ଗୀତ, ଯାଦୁକଳା

ପୁରୀ, ୩୧।୩ (ଅଜିତ୍ ମହାନ୍ତି)

ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସର ଅନ୍ତିମ ସନ୍ଧ୍ୟାରେ ଷ୍ଟାର୍ ଇଭିନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ନେତା ସୁନିଲ କୁମାର ମହାନ୍ତି, ଅନୁଷ୍ଠାନର ସଭାପତି ଭରତ ନାୟକ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ସବିତା ହରିଚନ୍ଦନ, ତ୍ରିଲୋଚନ ଦାସ, ସାଧାରଣ ସମ୍ପାଦକ ଶକ୍ତି ପ୍ରସାଦ ମହାନ୍ତି, ବିରଞ୍ଚି ନାରାୟଣ ଷଡଙ୍ଗୀ, ସହସମ୍ପାଦକ ନରସିଂହ ମହାପାତ୍ର, ଭାରତୀ ମହାପାତ୍ର, ଭବାନୀ ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ସମୀର ଆଚାର୍ଯ୍ୟ, ପରିଚାଳନା ସମ୍ପାଦକ ଦେବୀ ପ୍ରସାଦ ମିଶ୍ର, ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ, ଉପଦେଷ୍ଟା କମିଟି ଚକ୍ରଧର ମହାପାତ୍ର, ପ୍ରସନ୍ନ କୁମାର ମିଶ୍ର, କାମାକ୍ଷା ପ୍ରସାଦ ମହାପାତ୍ର,କାର୍ଯ୍ୟକାରୀ ସଭ୍ୟ ଶୁଭସ୍ମିତା ରାଉତରାୟ, କୃପାସିନ୍ଧୁ ଶତପଥୀ, ପ୍ରମୋଦ କୁମାର ପଟ୍ଟନାୟକ, ଅଭ୍ୟୁଦୟ ଦାଶ, ଅନୁପ ପଟ୍ଟନାୟକ, ଗିରିଶ କୁମାର ମିଶ୍ର, ଆଶୁତୋଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଭା ପରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଭାମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଏଥିରେ ମୁଖ୍ୟ ଆକର୍ଷଣ ସାଜିଥିଲେ ଯାଦୁକର ବିଧୁଭୂଷଣ। ତାଙ୍କ ଯାଦୁବିଦ୍ୟାକୁ ଦର୍ଶକମାନେ ବେଶ୍ ଉପଭୋଗ କରିଥିଲେ। ବିଧୁ ଭୂଷଣଙ୍କୁ ଭୋଜ ବିଦ୍ୟା ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମନିଷା ମହାନ୍ତି ଏବଂ ଅମିତ୍ କୁମାର ଚାଟାର୍ଜୀଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ।

### ଦ୍ୱିତୀୟ ବୀର କଳିଙ୍ଗ ପୁତ୍ର ପ୍ରତିଯୋଗିତା

ପୁରୀ,୩୧।୩ (ଅଜିତ୍ ମହାନ୍ତି)

ପୁରୀ ଜିଲା ବଡି ବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିତୀୟ ବୀର କଳିଙ୍ଗ ପୁତ୍ର ପ୍ରତିଯୋଗିତା ହେବାକୁ ଯାଉଛି। ଏହା ୨ ଦିନ ଧରି ଚାଲିବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ମୋଟ ୧୨ଟି ବିଭାଗରେ ପ୍ରତିଯୋଗିତା ହେବ। ରବିବାର ପ୍ରତିଯୋଗୀଙ୍କ ଓଜନ ମାପି ସେମାନଙ୍କ ବିଭାଗୀକରଣ କରାଯାଇଥିଲା। ସୋମବାର ଟାଉନ୍ ହଲଠାରେ ପ୍ରତିଯୋଗିତା ହେବ। ଏନେଇ ରବିବାର ସମୁଦ୍ରକୂଳସ୍ଥିତ ବ୍ୟାୟାମ ଭବନ ପରିସରରେ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି ଅବସରରେ ଓଡ଼ିଶା ବଡି ବିଲ୍ଡିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ମହାସୁଆର, ପୁରୀ ଜିଲା ବଡି ବିଲ୍ଡିଂ ଆସୋସିଏଶନ ସଭାପତି ସତ୍ୟ ନାରାୟଣ ମହାନ୍ତି, ସମ୍ପାଦକ ଭାରତୀକୃଷ୍ଣ ବ୍ରହ୍ମା, ଗୁରୁ ନାରାୟଣ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ, ସେମାନେ ଆସନ୍ତା ୬ ଓ ୭ ତାରିଖରେ ଗୋଆରେ ହେବାକୁ ଥିବା ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିବାକୁ ସୁଯୋଗ ପାଇବେ। କାର୍ଯ୍ୟକ୍ରମକୁ ଆସୋସିଏଶନର ପଙ୍କଜଲୋଚନ ପ୍ରତିହାରୀ, ଅନିଲ ଗୋଚ୍ଛିକାର, ପ୍ରମୋଦ ସାହୁ, ଲକ୍ଷ୍ମୀ ନାରାୟଣ ପ୍ରତିହାରୀ, ସଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ବେଳାଭୂମି ପରିଚ୍ଛନ୍ନ ରଖିବା ନେଇ ସଚେତନତା



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କ୍ୟାଡେଟ୍‌ମାନେ।

## କୋଷ୍ଟାଲ ଟ୍ରେକିଙ୍ଗ୍ ଉଦ୍‌ଯାପିତ

ପୁରୀ,୩୧।୩ (ଅଜିତ୍ ମହାନ୍ତି)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଆୟୋଜିତ ହୋଇଥିବା ୪ଦିନିଆ କୋଷ୍ଟାଲ ଟ୍ରେକିଙ୍ଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ୪ଶହରୁ ଉର୍ଦ୍ଧ୍ୱ ରୋଭର ରେଞ୍ଜର ଯୋଗଦାନ କରିଥିଲେ। କୋଷ୍ଟାଲ ଟ୍ରେକିଙ୍ଗ କୋଣାର୍କର ଚନ୍ଦ୍ରଭାଗା ବେଳାଭୂମିରୁ ଆରମ୍ଭ ହୋଇ ପୁରୀ ଦିଗବାରେଣୀ ଛକ ସମ୍ମୁଖ ବେଳାଭୂମିରେ ଶେଷ ହୋଇଥିଲା। ଅନ୍ତିମ ଦିବସରେ ପିଲାମାନେ ପୁରୀ ଗୋଲଡେନ୍ ବିଚ୍‌ରେ ଅଳିଆ ଆବର୍ଜନା ସଫେଇ କରିବା ସହିତ ବେଳାଭୂମି କିପରି ସଫା ରହିବ, ଜଳଜୀବଙ୍କୁ କିପରି ସୁରକ୍ଷା କରାଯାଇପାରିବ ସେଥିପାଇଁ ପ୍ଲାକାର୍ଡ ଧରି ପର୍ଯ୍ୟଟକଙ୍କୁ ସଚେତନ କରାଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର ଯୋଗଦେଇ ଏଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ସମସ୍ତ ସମୁଦ୍ର ତଟବର୍ତ୍ତୀ ଜିଲାରେ କିପରି ଅଧିକରୁ ଅଧିକ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପୋଲିସ ଅଧିକାରୀ ପି.କେ. ବେହେରା, ରାଜ୍ୟ ସ୍କାଉଟ ଆଣ୍ଡ ଗାଇଡ୍ ଆଡ୍‌ଭେଞ୍ଚର କମିଟି ଅଧ୍ୟକ୍ଷ ସ୍ୱାଧୀନ ପଣ୍ଡା, ସ୍କାଉଟ ଆଣ୍ଡ ଗାଇଡ୍ ଜିଲା ସମ୍ପାଦକ ମହେନ୍ଦ୍ର କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ପିଲାଙ୍କୁ ପ୍ରମାଣପତ୍ର ଏବଂ ଫଳକ ଦେଇ ଉତ୍ସାହିତ କରାଯାଇଥିଲା। ରାଜ୍ୟ ସହସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ବିଜୁ ଯୁବ, ଛାତ୍ରଙ୍କ ସହ ଆଲୋଚନା କଲେ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ



ବୈଠକରେ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

କଟକ,୩୧।୩ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦେଉଳସାହିସ୍ଥିତ ଏକ ମଣ୍ଡପରେ ବିଜୁ ଯୁବ ଛାତ୍ର ଜନତା ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବିଜେଡିର କଟକ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଯୋଗଦେଇ ବିଜୁ ଯୁବ ଛାତ୍ର ଜନତା ଦଳ କର୍ମୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏପରି କି ସେମାନଙ୍କ ମୌଳିକ ସମସ୍ୟା ପଚାରି ବୁଝିବା ସହ କିପରି ଭାବେ ଲୋକଙ୍କ ନିକଟତର ହୋଇ କାର୍ଯ୍ୟ କରିହେବ ସେ ନେଇ ଆଲୋଚନା କରିଥିଲେ। ଏ ନେଇ ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି, ପ୍ରଥମଥର ପାଇଁ ଏମ୍‌ପି ପ୍ରାର୍ଥୀ ଯୁବ କର୍ମୀଙ୍କ ସହ ମିଶି ଆଲୋଚନା କରିଛନ୍ତି। ଏଥିସହ ଯୁବକର୍ମୀମାନେ ମିଶ୍ରଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ଅପରପକ୍ଷରେ କଟକ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଆଶିଫ୍ ଅମିନ୍ କହିଛନ୍ତି, ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ଦଳର ନୂଆ ଚେହେରା ହୋଇ ସଙ୍ଗଠନକୁ ମଜଭୁତ କରିବା ପ୍ରୟାସ ପ୍ରଶଂସନୀୟ ରହିଛି। ଏହି ବୈଠକରେ ବିଜୁ ଯୁବ ଜନତା ଦଳର କଟକ ନଗର ସଭାପତି ସୌମ୍ୟଦୀପ ଘୋଷ, ରାଜ୍ୟ ଉପସଭାପତି ମିହିର ପରିଡ଼ା, ଯୁବ ଜିଲା କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ରାୟ, ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, ଅବିନାଶ ମହାନ୍ତି, ରାଜ୍ୟ ସମ୍ପାଦକ ସୁମନ ବେହେରା, ଆଶାଶ୍ରୀ ସାହୁ, ନଗର ସଭାପତି ସଞ୍ଜୟ ପଟ୍ଟନାୟକ, ବାରବାଟୀ-କଟକ ଯୁବ ସଭାପତି ସୟଦ୍ ଜଲିଲ୍, ବାରବାଟୀ-କଟକ ଛାତ୍ର ସଭାପତି ଜଗନ୍ନାଥ ମହାରଣାଙ୍କ ସମେତ ସମସ୍ତ କର୍ମୀ ଉପସ୍ଥିତ ରହିଥିଲେ। କଟକ ଜିଲା କୋଅର୍ଡିନେଟର୍ ସୋଭେନ ମହାନ୍ତି ଧନ୍ୟବାଦ ଦେଇଥିଲେ।



ଭାରତୀୟ ବିଦ୍ୟା ଭବନଠାରେ ମୁକ୍ତି ଚିନ୍ତନ ମୋର୍ଚ୍ଚା ପକ୍ଷରୁ ରବିବାର ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଓଡ଼ିଶା ଦିବସ ଉପଲକ୍ଷେ ମୁକ୍ତିଲାଭ କଲା ‘ଭାଷା ସଙ୍ଗୀତ’

ଭୁବନେଶ୍ୱର, ୩୧।୩ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଦିବସ ଅବ୍ୟବହିତ ପୂର୍ବରୁ ରବିବାର ସୂଚନା ଭବନଠାରେ ଦୃଶ୍ୟଗୀତ ଭାଷା ସଙ୍ଗୀତ ଶ୍ରୋତାର୍ପିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, କବି ଓ ଗୀତିକାର ଦେବଦାସ ଛୋଟରାୟ, ସମ୍ବାଦ ସମ୍ପାଦକ ତନୟା ପଟ୍ଟନାୟକ ଯୋଗଦେଇଥିଲେ। ଏହି ଗୀତର ପରିକଳ୍ପନା ଓ ରଚନା ଲେଖକ ଶୁଭ୍ରାଂଶୁ ପଣ୍ଡା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଓ କଣ୍ଠଦାନ କରିଛନ୍ତି ଅଭିଜିତ ମିଶ୍ର ଓ ମିଡିଆ ପ୍ରାଇଭେଟ ଲିମିଟେଡ ଦ୍ୱାରା ପ୍ରସ୍ତୁତ ଏହି ସଙ୍ଗୀତରେ ଭାଷାର ଅସ୍ମିତା ସାଙ୍ଗକୁ କଳା, ସଂସ୍କୃତ, ପରମ୍ପରା ଓ ଐତିହ୍ୟ ବାବଦରେ ବର୍ଣ୍ଣନା ରହିଛି। ଓଡ଼ିଆ ଭାଷାର ଉତ୍ପତ୍ତି, ବିବର୍ତ୍ତନ, ଏହାର ଦୁଇ ସହସ୍ର ବର୍ଷରୁ ଅଧିକ ଦୀର୍ଘ ଇତିହାସ, ଭାଷାର କ୍ରମବିକାଶ, ସାହିତ୍ୟ, ସଂକଟ, ଊନବିଂଶ ଶତାବ୍ଦୀର ଭାଷା ଆନ୍ଦୋଳନ, ପ୍ରଥମ ଭାଷାଭିତ୍ତିକ ରାଜ୍ୟଗଠନ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି ଯାଏ ନାନାଦି ବିଭବ ଏ ଗୀତରେ ଖଞ୍ଜାଯାଇଛି। ଅଂଶୁମାନ ଜେନା ମଞ୍ଚ ପରିଚାଳନା କରିଥିବାବେଳେ କବି ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ।




ସୂଚନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଦୃଶ୍ୟଗୀତ ଭାଷା ସଙ୍ଗୀତ ଶ୍ରୋତାର୍ପିତ କରୁଛନ୍ତି।

# ‘ଉତ୍ସର୍ଗୀକୃତ ସେବା କରି ରୋଗୀଙ୍କ ମୁହଁରେ ହସ ଫୁଟାଅ’

କଟକ,୩୧।୩ (କାର୍ତ୍ତିକ ସାହୁ)



## ପଦ୍ମିନୀ କେୟାରରେ ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ

ପଦ୍ମିନୀ କେୟାର ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ଭେଷଜ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟରତ ଷ୍ଟାଫ ନର୍ସମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରୋଗୀ ଚିକିତ୍ସା କ୍ଷେତ୍ରରେ ଏଭଳି ପ୍ରଶିକ୍ଷଣଭିତ୍ତିକ କାର୍ଯ୍ୟକ୍ରମ ଅଧିକ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଭେଷଜ ବିଭାଗର ସହକାରୀ ପ୍ରଫେସର ଡା. ଦୀପକ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣା ଯୋଗଦେଇ ଆକସ୍ମିକ ଦୁର୍ଘଟଣା ଓ ହୃଦ୍‌ରୋଗ ସମ୍ବନ୍ଧୀୟ ଜରୁରୀ ଚିକିତ୍ସାବେଳେ ଅନୁସୃତ ପଦ୍ଧତି ଓ ଜୀବନ ରକ୍ଷାକାରୀ ଉପଚାର ସମ୍ପର୍କରେ ବୁଝାଇବା ସହିତ ଉତ୍ସର୍ଗୀକୃତ ସେବା ଦ୍ୱାରା ରୋଗୀ ମୁହଁରେ ହସ ଫୁଟାଇବାକୁ ସେବିକାମାନଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ ପ୍ରଫେସର ଅଶୋକ ପଣ୍ଡା, ଡା. ଆଶାରାମ ପଣ୍ଡା, ସ୍ୱସ୍ତିକ୍ ଆଚାର୍ଯ୍ୟ, ଆଦିସ୍ କୁମାର ପଣ୍ଡା, ରାଜେନ୍ଦ୍ର କୁମାର ବାରିକ, ଡା. କୌଶିକ୍ ସାହୁ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡା. ସ୍ୱାଇଁ ପ୍ରଶ୍ନୋତ୍ତର ମାଧ୍ୟମରେ ଡାକ୍ତରୀ ଶିକ୍ଷା ସମ୍ବନ୍ଧୀୟ ଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରିଥିଲେ। ଭେଷଜ ବିଭାଗର ଭାରପ୍ରାପ୍ତ ନର୍ସ ପ୍ରିୟଦର୍ଶିନୀ ସ୍ୱାଇଁ, ଶୁଭେନ୍ଦୁ ସିଂଙ୍କ ସମେତ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କାଇପଦରରେ ବାଦୀ ପାଲା ଉତ୍ସବ ଆରମ୍ଭ

ଖୋର୍ଦ୍ଧା,୩୧।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଗ୍ରାମରେ ରବିବାରଠାରୁ ଆରମ୍ଭ ହୋଇଛି ୧୫୩ତମ ବାଦୀପାଲା ଉତ୍ସବ। ଏହି ଉତ୍ସବ ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ଚାଲିବ। ସନ୍ଧ୍ୟା ୬ଟାରୁ ରାତ୍ର ୧ଟା ପର୍ଯ୍ୟନ୍ତ ପାଲା ପରିବେଷଣ ହେଉଛି। ଓଡ଼ିଶାର ଦ୍ୱିତୀୟ ଦୋଳବେଦୀ ପାଲା ତୀର୍ଥଭାବେ ପରିଚିତ କାଇପଦରଠାରେ ୧୮୭୨ ମସିହାରେ ଆରମ୍ଭ ହୋଇଥିଲା ବାଦିପାଲା। ବହୁ ପୂର୍ବରୁ ୨୧ଦିନ ପାଲା ହେଉଥିଲା। ସମୟକ୍ରମେ ତାହା ବର୍ତ୍ତମାନ ୬ଦିନରେ ପହଞ୍ଚିଛି। ଚଳିତବର୍ଷ ପାଲା ପରିବେଷଣ କରିବେ ଗାୟକ ଯୁବ ସମ୍ରାଟ ପ୍ରଶାନ୍ତ କୁମାର ବେହେରା (ଚରମ୍ପା, ଭଦ୍ରକ) ଓ ଗାୟକ କୁସୁମ ପ୍ରତାପ ପ୍ରଧାନ (ସାକ୍ଷୀଗୋପାଳ, ପୁରୀ)। ଏହି ଅନୁଷ୍ଠାନର ସଭାପତି ତପନ କୁମାର ପାତ୍ର, ସମ୍ପାଦକ ନରେନ୍ଦ୍ର କୁମାର ଜେନା ଏବଂ ସଭ୍ୟ ବିଜୟ କୁମାର ଅରିସଲ, ତପନ ରଣସିଂହ, ଭିକାରୀ ବଳିୟାରସିଂହ, କବି ପାଇକରାୟ, ରାଧେଶ୍ୟାମ ପାଇକରାୟ, ବିଜୁ ବଳିୟାରସିଂହ, ସୁଶାନ୍ତ ସାହୁ, ପ୍ରଶାନ୍ତ ସ୍ୱାଇଁ, ଦିପକ ରାଉତରାୟ, ରବୀନ୍ଦ୍ର ଗଡ଼ନାୟକ, ଭଗବାନ ବେହେରା, ଅମୂଲ୍ୟ ଛୋଟରାୟ, ମୁନା ରାଉତରାୟ, ବାଙ୍କନିଧି ପାଇକରାୟ, ସନିଆ ମିଆଁ, ଈଶ୍ୱର ମଙ୍ଗରାଜ, ଶରତ ମାର୍ଥା ପ୍ରମୁଖ ପରିଚାଳନା କରୁଛନ୍ତି। ଏହି ବାଦିପାଲା ଦେଖିବା ପାଇଁ କାଇପଦର ସମେତ ଆଖପାଖ ଅଞ୍ଚଳର ଶତାଧିକ ଜନସାଧାରଣଙ୍କ ଜନସାଧାରଣଙ୍କ ସମାଗମ ହେଉଛି।

### ଏମ୍‌ସିସିରେ ସ୍ୱଚ୍ଛସାଥୀଙ୍କ ହାତ କଟିଲା

ଭୁବନେଶ୍ୱର, ୩୧।୩(ବନ୍ଦନା ସେଠୀ)

ୱାର୍ଡ ନଂ.୬୦ ଅନ୍ତର୍ଗତ ସୁନ୍ଦରପଦାଠାରେ ଥିବା ବିଏମ୍‌ସିର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)ରେ କାମ କରୁଥିବାବେଳେ ଜଣେ ସ୍ୱଚ୍ଛସାଥୀଙ୍କ ହାତ କଟିଯାଇଛି। ଗୁରୁତର ଥିବାରୁ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ରବିବାର ମହିଳା ସ୍ୱଚ୍ଛସାଥୀ ପୂଜା ସମ୍ପୃକ୍ତ ଏମ୍‌ସିସିରେ କାମ କରୁଥିଲେ। ଏହି ସମୟରେ ଏମ୍‌ସିସିର ପ୍ରେସର କଟିଙ୍ଗ୍ ମେଶିନ୍‌ରେ କିଛି ଅଳିଆ ଫସି ରହିଯାଇଥିଲା। ମେଶିନ୍‌ର ସୁଇଚ୍ ବନ୍ଦ କରି ଅଳିଆକୁ ହାତରେ କାଢୁଥିଲେ। ମାତ୍ର ଏହି ସମୟରେ କେହି ଭୁଲ୍‌ବଶତଃ ମେଶିନ୍‌ର ସ୍ୱିଚ୍ ଅନ୍ କରିଦେଇଥିଲେ। ଫଳରେ ପୂଜାଙ୍କ ବାମହାତ କଟିଯାଇଛି। ଏ ନେଇ ସ୍ୱଚ୍ଛସାଥୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହ କାହାର ଭୁଲ୍ ପାଇଁ ଏଭଳି ଅଘଟଣ ଘଟିଲା ତା'ର ତଦନ୍ତ ପାଇଁ ଦାବି ହୋଇଛି।

### ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ସ୍ୱତନ୍ତ୍ର ବୈଠକ

ଭୁବନେଶ୍ୱର,୩୧।୩(ଶର୍ମିଷ୍ଠା ପାଣିଗ୍ରାହୀ)

ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ସ୍ୱତନ୍ତ୍ର ବୈଠକ ପୁରୁଣା ଭୁବନେଶ୍ୱରର ରାଧାକାନ୍ତ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାନର ସଭାପତି ଦିଲ୍ଲୀପ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ପ୍ରତିଷ୍ଠାନର ମହାସଚିବ ଡ. ଭାସ୍କର ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଧାକାନ୍ତ ମଠର ମହନ୍ତ ରାମକୃଷ୍ଣ ଦାସ ଓ ବୃନ୍ଦାବନ ଶାଖାର ମୁଖ୍ୟ ପରିଚାଳକ ଜଗନ୍ନାଥାନନ୍ଦ ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ମ୍ୟୁଜିୟମ୍ ଓ ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା।

# ହଟିପାରୁନି ରାଜନୈତିକ ପୋଷ୍ଟର

ଭୁବନେଶ୍ୱର, ୩୧।୩ (ବନ୍ଦନା ସେଠୀ)



ନିର୍ବାଚନ ଆଚରଣ ବିଧି ଲାଗୁ ହେବାପରେ ବିଏମ୍‌ସି ଅଞ୍ଚଳରୁ ସମସ୍ତ ରାଜନୈତିକ ଦଳର ପୋଷ୍ଟର ହଟାଇବା ସହ କାନ୍ଥଲେଖାକୁ ଲିଭାଇବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କୁ ଚିଠି ଲେଖିଥିଲେ। ଏହାପରେ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବିଭିନ୍ନ ହୋର୍ଡିଂ ହଟାଯିବା ସହ ଆଉ କେତେକକୁ କଳା କିମ୍ବା ଧଳା କପଡ଼ାରେ ଘୋଡ଼ାଯାଇଥିଲା। ସହରରେ ଲାଗିଥିବା ସମସ୍ତ ହୋର୍ଡିଂ ତୁରନ୍ତ ହଟାଯିବ ବୋଲି ମଧ୍ୟ ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ମାତ୍ର ଆଚରଣ ବିଧି ଲାଗୁ ହେବାର ୧୫ଦିନ ପରେ ବି ସହରର ଅନେକ ସ୍ଥାନରେ ଦଳୀୟ ପୋଷ୍ଟର, ହୋର୍ଡିଂ ଲାଗିଛି। ଅପରପକ୍ଷେ କେତେକ ହାତଗଣତି ପୋଷ୍ଟରକୁ ହଟାଇ ଦେଇ ବିଏମ୍‌ସି ଚୁପ୍ ବସିଯାଇଛି।

ଜାଗା ମିଶନ୍ ଠାରୁ ଆରମ୍ଭ କରି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଏବଂ ଅନ୍ୟାନ୍ୟ ହୋର୍ଡିଂ ପୂର୍ବଭଳି ରହିଛି। ସହର ମଝିରେ ଆହୁରି ଅନେକ ଦଳୀୟ ପୋଷ୍ଟର, ହୋର୍ଡିଂ ଲାଗିଥିଲେ ମଧ୍ୟ ସେ ସବୁ ବିଏମ୍‌ସିକୁ ଦେଖାଯାଉନି। ଏପରିକି ଗୋଟିଏ ହୋର୍ଡିଂକୁ ଲୁଚାଯାଇଥିଲେ ବି ତା' ପାଖରେ ଥିବା ଅନ୍ୟ ହୋର୍ଡିଂ ଖୋଲା ରହିଛି। ମଞ୍ଚେଶ୍ୱର ଅଞ୍ଚଳର ଅନେକ ସ୍ଥାନରେ ହୋର୍ଡିଂ ଖୋଲା ଭାବେ ଥିବା ପରିଲକ୍ଷିତ ହୋଇଛି। କେବଳ ଏହି ଗୋଟିଏ ଅଞ୍ଚଳ ନୁହେଁ, ସହରର ବିଭିନ୍ନ ସ୍ଥାନରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। କାନ୍ଥବାଡ଼ରେ ଥିବା ଲେଖାକୁ ମଧ୍ୟ ଲିଭାଯାଇନାହିଁ। ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ସେହିପରି କାନ୍ଥବାଡ଼, ପୋଲ, ଗଛ ଆଦି ସର୍ବସାଧାରଣ ସ୍ଥାନରେ ପୋଷ୍ଟର, ବିଜ୍ଞାପନ ମାରିଲେ ବିଏମ୍‌ସି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏଯାବତ୍ ୫୦ରୁ ଊର୍ଦ୍ଧ୍ୱ ସଂସ୍ଥା ନାମରେ ଥାନାରେ ଏତଲା ଦେବା ସହ ୧ଶହରୁ ଊର୍ଦ୍ଧ୍ୱ ସଂସ୍ଥାଙ୍କୁ ନୋଟିସ୍ କରିଛି। ଏହାବାଦ୍ ଅନେକଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରିଛି। ତେବେ ବାର୍ କାଉନ୍‌ସିଲ୍ ନିର୍ବାଚନ ପାଇଁ କୋର୍ଟ ନିକଟରୁ ଭଞ୍ଜକଳା ମଣ୍ଡପ ପର୍ଯ୍ୟନ୍ତ ରାସ୍ତା ମଝିରେ ଥିବା ବ୍ୟାରିକେଡ୍‌ରେ ମାଳମାଳ ପୋଷ୍ଟର ଲାଗିଥିଲେ ବି ବିଏମ୍‌ସିକୁ ଦିଶୁନି। ସେହିପରି ଅନେକ ସ୍ଥାନରେ ଗଛରେ କଣ୍ଟା ବାଡ଼େଇ ନୋ ପାର୍କିଂ ବୋଲି ଲେଖାଯାଇଛି। ୨ବର୍ଷ ତଳୁ କାନ୍ଥବାଡ଼ରେ ପୋଷ୍ଟର ନ ଲଗାଇବା ପାଇଁ ବିଏମ୍‌ସି ଯେଉଁ ଘୋଷଣା କରିଥିଲା ତାହା ଏବେ ଫମ୍ପା ମାଠିଆର ଶବ୍ଦ ଭଳି ପରିଣତ ହୋଇଛି।



ଖୋର୍ଦ୍ଧା ଜିଲା ଶିକ୍ଷା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ।

## ୧୧ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ ପତ୍ର ପ୍ରଦାନ

ଖୋର୍ଦ୍ଧା,୩୧।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଶିକ୍ଷା କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ୧୧ଜଣ ଶିକ୍ଷୟିତ୍ରୀ, ଶିକ୍ଷକ, କନିଷ୍ଠ ସହାୟକ ଏବଂ ୪ର୍ଥ ଶ୍ରେଣୀ କର୍ମଚାରୀ ରବିବାର ଅବସର ଗ୍ରହଣ କରିଛନ୍ତି। ଜିଲା ଶିକ୍ଷା କାର୍ଯ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ପୂର୍ଣ୍ଣାଙ୍ଗ ଅବସରକାଳୀନ ପେନ୍‌ସନ ପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ଡ. ଅମ୍ରିତା ପ୍ରୀତିନନ୍ଦା, ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ, ଏକାଧିକ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ ଘଟଣା, ଜେଲ ଗଲେ ଚାଳକ

ଭୁବନେଶ୍ୱର,୩୧।୩(ସୂର୍ଯ୍ୟକାନ୍ତ ବେହେରା)

ଶହୀଦନଗର ଥାନା ଅନ୍ତର୍ଗତ ପଣ୍ଡା ପାର୍କ ନିକଟସ୍ଥ ରାସ୍ତାରେ ଏକ କାର୍ ଧକ୍କାରେ ଯାଜପୁର ଜିଲା ବିଞ୍ଝାରପୁର ସୁନାପାଳ ଅଞ୍ଚଳର ଶ୍ରମିକ ଦିଲୀପ ପରିଡ଼ାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ପୋଲିସ ଅଭିଯୁକ୍ତ କାର୍ ଚାଳକଙ୍କୁ ଗିରଫ କରିବା ପରେ ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଜପତି ରଞ୍ଜନ ପାଇକ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ସମ୍ପୃକ୍ତ ଦାମୀ କାର୍ କୁ ପୋଲିସ ଜବତ କରିଛି। ସୂଚନାନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଦିଲୀପ ଚାଲି ଚାଲି ଯାଉଥିବାବେଳେ ଓଡି ୩୩ ଏକ୬୮୮ ନମ୍ବର ବିଶିଷ୍ଟ ଉକ୍ତ କାର୍ ପଛ ପଟୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଦିଲୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ନୃତ୍ୟଭୂମି କଲ୍‌ଚରାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

**୭୦ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍କଳ ଶିଶୁ ପ୍ରତିଭା ଅନ୍ୱେଷଣ ପୁରସ୍କାର**



ଭୁବନେଶ୍ୱର, ୩୧।୩ (ବନ୍ଦନା ସେଠୀ)

ନୃତ୍ୟଭୂମି କଲ୍‌ଚରାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ଉତ୍କଳ ଶିଶୁ ପ୍ରତିଭା ଅନ୍ୱେଷଣ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପ୍ରଶାନ୍ତି ବିହାରସ୍ଥିତ ଦୁର୍ଗାମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ କହିଲେ, ଆମ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଏତେ ସୁନ୍ଦର ଯେ ତାହା ଭାଷାରେ ପ୍ରକାଶ କରିହେବ ନାହିଁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରୁ ଆରମ୍ଭ ହୋଇଥିବା ଏହି ସଂସ୍କୃତି ଓ ପରମ୍ପରା ସାରା ବିଶ୍ୱରେ ଆଦର ଲାଭ କରିଛି। ଓଡ଼ିଆ ସଂସ୍କୃତି ଓ ପରମ୍ପରା ସବୁବେଳେ ଉଜ୍ଜୀବିତ ରହୁ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ୱାର୍ଡ ନଂ.୧ର କର୍ପୋରେଟର ମିହିର କୁମାର ରାଉତ ଓ ଶିକ୍ଷାବିତ୍ ବିଷ୍ଣୁ ଚରଣ ସୂତାର ଯୋଗଦେଇ ଓଡ଼ିଆ ଦିବସର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ୭୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ 'ଉତ୍କଳ ଶିଶୁ ପ୍ରତିଭା ଅନ୍ୱେଷଣ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ୧୦୦ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ନୃତ୍ୟଭୂମିର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଟ୍ରଷ୍ଟର ମୁଖ୍ୟ ସସ୍ମିତା ରାଣୀ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଦି କ୍ଲବର ସଭାପତି ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାନ୍ତି ବିହାରର ସମସ୍ତ ସଂଗଠନର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଅଞ୍ଚଳରୁ ଜନସାଧାରଣ ଉପସ୍ଥିତ ଥିଲେ।

## ଓଡ଼ିଶା ଦିବସ ଉପଲକ୍ଷେ ମୁକ୍ତିଲାଭ କଲା 'ଭାଷା ସଙ୍ଗୀତ'




ଭୁବନେଶ୍ୱର, ୩୧।୩ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଦିବସ ଅବ୍ୟବହିତ ପୂର୍ବରୁ ରବିବାର ସୂଚନା ଭବନଠାରେ ଦୃଶ୍ୟଗୀତ ଭାଷା ସଙ୍ଗୀତ ଶ୍ରୋତାର୍ପିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, କବି ଓ ଗୀତିକାର ଦେବଦାସ ଛୋଟରାୟ, ସମ୍ବାଦ ସମ୍ପାଦକ ତନୟା ପଟ୍ଟନାୟକ ଯୋଗଦେଇଥିଲେ। ଏହି ଗୀତର ପରିକଳ୍ପନା ଓ ରଚନା ଲେଖକ ଶୁଭ୍ରାଂଶୁ ପଣ୍ଡା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଓ କଣ୍ଠଦାନ କରିଛନ୍ତି ଅଭିଜିତ ମିଶ୍ର। ଓ ମିଡିଆ ପ୍ରାଇଭେଟ ଲିମିଟେଡ ଦ୍ୱାରା ପ୍ରସ୍ତୁତ ଏହି ସଙ୍ଗୀତରେ ଭାଷାର ଅସ୍ମିତା ସାଙ୍ଗକୁ କଳା, ସଂସ୍କୃତ, ପରମ୍ପରା ଓ ଐତିହ୍ୟ ବାବଦରେ ବର୍ଣ୍ଣନା ରହିଛି। ଓଡ଼ିଆ ଭାଷାର ଉତ୍ପତ୍ତି, ବିବର୍ତ୍ତନ, ଏହାର ଦୁଇ ସହସ୍ର ବର୍ଷରୁ ଅଧିକ ଦୀର୍ଘ ଇତିହାସ, ଭାଷାର କ୍ରମବିକାଶ, ସାହିତ୍ୟ, ସଂକଟ, ଊନବିଂଶ ଶତାବ୍ଦୀର ଭାଷା ଆନ୍ଦୋଳନ, ପ୍ରଥମ ଭାଷାଭିତ୍ତିକ ରାଜ୍ୟଗଠନ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି ଯାଏ ନାନାଦି ବିଭବ ଏ ଗୀତରେ ଖଞ୍ଜାଯାଇଛି। ଅଂଶୁମାନ ଜେନା ମଞ୍ଚ ପରିଚାଳନା କରିଥିବାବେଳେ କବି ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ।

## ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ ପାଳିତ

ପୁରୁଣା ଭୁବନେଶ୍ୱର,୩୧।୩(ସୁବାସ ଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗୀ ଉନ୍ନୟନ ପରିଷଦ ସଭାଗୃହରେ ଶନିବାର ସନ୍ଧ୍ୟାରେ 'ଧରିତ୍ରୀ'ର ପୂର୍ବତନ ପ୍ରକାଶକ ସ୍ୱର୍ଗତ ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ୱର୍ଗତ ମିଶ୍ରଙ୍କ ନାତି ଦେବକୁମାର ମିଶ୍ର ଏକ କବିତା ଗାନ କରିଥିଲେ। ଏହି ସଭାରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କାଶୀନାଥ ସାହୁ ସଭାପତିତ୍ୱ କରିଥିଲେ। ସ୍ଥାନୀୟ କର୍ପୋରେଟର ଶିବନାରାୟଣ ରାୟ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କୃଷ୍ଣଚନ୍ଦ୍ର ବଡୁ ଓ ଲକ୍ଷ୍ମୀଧର ପଣ୍ଡା, ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ଉପସଭାପତି ପଦ୍ମନାଭ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଚିତ୍ରସେନ ବିଶୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବତ୍ରିଶ ସିଂହାସନ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗଣେଶ କୁମାର ପ୍ରଧାନ, ସ୍ଥାନୀୟ 'ସହଯୋଗ' ଅନୁଷ୍ଠାନର ପୂର୍ବତନ ସଭାପତି ବିଶ୍ୱନାଥ ବେହେରା ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଉପସଭାପତି ଧନ୍ୟବାଦ ଦେଇଥିଲେ।

# ଅପରାଜିତା ହଟାଅ, ଭାଜପା ବଞ୍ଚାଅ ଆହ୍ୱାନ

ବେଗୁନିଆ,୩୧।୩(ହର ପ୍ରସନ୍ନ ପଣ୍ଡା)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ହୋଇସାରିଛି। ତେବେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଭୁବନେଶର ସଂସଦୀୟ କ୍ଷେତ୍ର ପାଇଁ ଅପରାଜିତା ଷଡଙ୍ଗୀଙ୍କୁ ପ୍ରାର୍ଥୀ ଭାବେ ମନୋନୀତ କରାଯାଇଛି। ତେବେ ଅପରାଜିତାଙ୍କୁ ପ୍ରାର୍ଥୀଭାବେ ମନୋନୀତ କରାଯିବା ପରେ ବେଗୁନିଆ ନିର୍ବାଚନ ମଣ୍ଡଳୀର ଭାଜପା କର୍ମକର୍ତ୍ତାଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ ବରସାହି ଗ୍ରାମସ୍ଥିତ ହନୁମାନଦେବଙ୍କ ମନ୍ଦିର ପରିସରରେ ରବିବାର ଭାଜପା କର୍ମୀ ସଞ୍ଜୟ ପ୍ରସାଦ ଛୁଆଲସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବେଗୁନିଆ ଓ ବୋଲଗଡ଼ ବ୍ଲକର ବହୁ ଭାଜପା କର୍ମକର୍ତ୍ତା ଯୋଗଦେଇଥିଲେ। ୨୦୧୯ ନିର୍ବାଚନ ପରଠୁ ଏମ୍‌ପି ଷଡ଼ଙ୍ଗୀ ବେଗୁନିଆ ନିର୍ବାଚନମଣ୍ଡଳୀରେ ଆଖିଦୃଶିଆ ବିକାଶ କରିନାହାନ୍ତି। ଦଳର ପୁରୁଣା କର୍ମକର୍ତ୍ତାଙ୍କୁ ଅଣଦେଖା କରି ବିଜେଡିକୁ ସୁହାଇଲା ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିଲେ। ଯାହାକି ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବେଗୁନିଆ ନିର୍ବାଚନ ମଣ୍ଡଳୀର ୬ଟି ଜିଲା ପରିଷଦ ଜୋନ ମଧ୍ୟରୁ ୫ଟି ଜୋନରେ ବିଜେଡି ବାଜିମାତ କରିଥିଲା। ବିକଶିତ ଭାରତ ଅଭିମୁଖ୍ୟ ନେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହତ ବାର୍ତ୍ତାକୁ ସମର୍ଥନ କରିବୁ ହେଲେ ଏମ୍‌ପି ପ୍ରାର୍ଥୀ ଷଡଙ୍ଗୀଙ୍କୁ ନୁହେଁ ବୋଲି ବୈଠକରେ ସଙ୍କଳ୍ପ ନିଆଯାଇଛି। ଏମ୍‌ପି ପ୍ରାର୍ଥୀପତ୍ରରୁ ଅପରାଜିତାଙ୍କୁ ପ୍ରତ୍ୟାହାର କରିନେବାକୁ ଦାବି କରାଯାଇଛି। ଏହା ସହ ଅପରାଜିତା ହଟାଅ, ଭାଜପାକୁ ବଞ୍ଚାଅ ଆହ୍ୱାନ ଗାଁ ବୁଲି ଭୋଟରମାନଙ୍କୁ ସଚେତନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ସଭାପତି ଛୁଆଲସିଂହ କହିଛନ୍ତି। ବୈଠକରେ ଧ୍ରୁବଚରଣ ବାହିନୀପତି, ଗୌର ଚରଣ ପ୍ରହରାଜ, ରମେଶ ଚନ୍ଦ୍ର ସାମନ୍ତରାୟ, ହେମନ୍ତ ମାନସିଂହ, ନରସିଂହ ସୁନ୍ଦରାୟ, ବିଦ୍ୟାଧର ରାଉତରାୟ, ସନ୍ତୋଷ ସାହୁ, ସୁଶାନ୍ତ ଜଗଦ୍ଦେବ, ନିମାଇଁ ସୁନ୍ଦରାୟ, ସନ୍ତୋଷ ବେହେରା, ପ୍ରମୋଦ ରାଉତରାୟ, ଭଗବାନ ପ୍ରଧାନ, ସୁବାସ ସେଠୀ, ଶିବାନନ୍ଦ ମହନ୍ତ, ଅଧିକାରୀ ନାୟକ, ରାମଚନ୍ଦ୍ର ସେନାପତି, ପର୍ଶୁରାମ ପାତ୍ର, ସହଦେବ ମାର୍ଥା, କାଳୀଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବରସାହି ଗ୍ରାମସ୍ଥିତ ହନୁମାନଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଭାଜପା ନେତା ଓ କର୍ମୀମାନେ।

# ନିର୍ବାଚନୀ ପାଣ୍ଠି ପ୍ରସଙ୍ଗରେ ବର୍ଷିଲା କଂଗ୍ରେସ

ଖୋର୍ଦ୍ଧା,୩୧।୩ (ପ୍ରଭାତ ପାଣିଗ୍ରାହୀ)

କେନ୍ଦ୍ର ଓ ରାଜ୍ୟ ସରକାର ରାଜନୈତିକ ନିର୍ବାଚନ ପାଇଁ ଲକ୍ଷାଧିକ ଟଙ୍କା ନିର୍ବାଚନୀ ପାଣ୍ଠି ପାଇଛନ୍ତି। ଏପରିକି ଟର୍ନଓଭର ନ ଥିବା କମ୍ପାନୀ ମଧ୍ୟ ଇଲେକ୍ଟୋରାଲ ବଣ୍ଡରେ ଭାଜପାକୁ ଚାନ୍ଦା ଦେଇଛି। ବିଜୁ ଜନତା ଦଳ ଏକ ଆଞ୍ଚଳିକ ଦଳ ହୋଇ ମଧ୍ୟ ଭାରତବର୍ଷର ରାଜନୈତିକ ଚାନ୍ଦା ପାଇଥିବା ୫ମ ବୃହତ୍ତମ ଦଳ ବୋଲି ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ପୁଞ୍ଜିପତିଙ୍କୁ ରାଜ୍ୟର ସମ୍ପତ୍ତିକୁ ଟେକିଦେଇ କୋଟି କୋଟି ଟଙ୍କା ରାଜନୈତିକ ପାଣ୍ଠି ବର୍ଷ ବର୍ଷ ଧରି କରିଚାଲୁଛନ୍ତି ବୋଲି ରବିବାର ସ୍ଥାନୀୟ ନୟନ ପ୍ଲାଜାଠାରେ ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ମୁଖପାତ୍ର ଅମିତ ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି, ଇଲେକ୍ଟୋରାଲ ବଣ୍ଡ ପ୍ରସଙ୍ଗ ନେଇ କେନ୍ଦ୍ର ଉପରେ ବର୍ଷିଥିଲେ। ଭାଜପା ଏକ ରାଜନୈତିକ ପାଣ୍ଠି ଆଦାୟ କରୁଥିବା ଦଳ। ଏଥିପାଇଁ ଇଡି, ସିବିଆଇ ଏବଂ ଆଇଟିକୁ ବିଭିନ୍ନ ଶିଳ୍ପପତି ଓ ବ୍ୟବସାୟୀଙ୍କ ବିରୋଧରେ ବ୍ୟବହାର କରି ତାଙ୍କୁ ଭୟଭୀତ କରି ୬ ବର୍ଷ ଭିତରେ ୮ହଜାର ୨୫୨କୋଟି ଟଙ୍କା ରାଜନୈତିକ ପାଣ୍ଠି ନିର୍ବାଚନୀ ବଣ୍ଡ ମାଧ୍ୟମରେ ପାଇଛି। ସେହିପରି ଜିଲା ସଭାପତି ରସିକ ପଟ୍ଟନାୟକ କହିଥିଲେ, ବିଜେଡି ଓ ଭାଜପା ଚାନ୍ଦା ଅସୁଲି ରାଜନୈତିକ ଦଳ। ଭାଜପା ଧମକ ଦେଇ ରାଜନୈତିକ ଚାନ୍ଦା ଆଦାୟ କରୁଥିବା ବେଳେ ଭାରତୀୟ ଜାତୀୟ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଇନ୍‌କମ୍ ଟ୍ୟାକ୍ସ ମାଧ୍ୟମରେ ବନ୍ଦ କରିଦେଉଛି। ନିର୍ବାଚନକୁ ଆଉ କେଇଟା ଦିନ ବାକିଥିବାବେଳେ ଭାରତବର୍ଷର ଗଣତନ୍ତ୍ର ବୋଲି କିଛି ନାହିଁ। ରାଜ୍ୟ ଓ କେନ୍ଦ୍ରରେ ଋଣଭାର ବଢ଼ିଚାଲିଥିବା ବେଳେ ବେରୋଜଗାର, ଦରଦାମ୍ ମଧ୍ୟ ବୃଦ୍ଧି ପାଇଛି। ଏଥିଯୋଗୁ ସାଧାରଣ ଜନତା ଅତିଷ୍ଠ ହୋଇପଡ଼ିଲେଣି। ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ଜନତା ଜାଣିଲେଣି, ଆଗାମୀ ନିର୍ବାଚନରେ ଏହାର ଉଚିତ ଜବାବ ଦେବେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ବିଶ୍ୱଭୂଷଣ ଛୋଟରାୟ, ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଉଛି।

# ଆକର୍ଷଣ ସାଜିଲା ନୃତ୍ୟନାଟିକା 'ଏଇ ଆମରି ଗାଁ'

### ରାମହରି ଦାସ ଗୁରୁକୁଳ ଉତ୍ସବ ଉଦ୍‌ଯାପିତ

ସାକ୍ଷୀଗୋପାଳ,୩୧।୩ (ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀର ବଡ଼ହାଟ ବୀରଗୋବିନ୍ଦପୁର ଠାରେ ପ୍ରତିଷ୍ଠିତ ରାମହରି ଦାସ ଗୁରୁକୁଳ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ୩ ଦିନିଆ ଗୁରୁକୁଳ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁ ରବିଶଙ୍କର ପ୍ରଧାନଙ୍କ ଏକକ ସିତାର ବାଦନ, ସରିତା ମିଶ୍ରଙ୍କ ଏକକ ଓଡ଼ିଶୀ ନୃତ୍ୟ, କ୍ରିଏଟିଭ ମାସ ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ଓ ଗୁରୁ କୁମାର ଚନ୍ଦ୍ର ସେଠୀ ଏବଂ ସାଥୀ ଦ୍ୱାରା ନୃତ୍ୟ ନାଟିକା 'ଏଇ ଆମରି ଗାଁ' ପରିବେଷଣ କରାଯାଇଥିଲା। ଏଥିରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଭୁବନେଶ୍ୱର ଅଧ୍ୟକ୍ଷ ଗୁରୁ ଡ. ବିଜୟ ଜେନା ଯୋଗଦେଇ ଠାକୁରଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅତିଥିମାନେ କଳା କ୍ଷେତ୍ରରେ ରାମହରି ଦାସ ଗୁରୁକୁଳ ଟ୍ରଷ୍ଟର ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଏ କ୍ଷେତ୍ରରେ ଉତ୍ତମ ଭବିଷ୍ୟତ କାମନା କରିଥିଲେ। ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ରାମହରି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଗୁରୁ ହିମାଂଶୁ ସ୍ୱାଇଁ ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।



ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**ସଂକ୍ଷେପରେ**

## ବ୍ଲକ ସହ-ଶିକ୍ଷାଧିକାରିଣୀ ସ୍ୱପ୍ନାରାଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପିପିଲି,୩୧।୩(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର):

ପିପିଲି ବ୍ଲକ ସହ-ଶିକ୍ଷାଧିକାରିଣୀ ସ୍ୱପ୍ନାରାଣୀ ପରିଡ଼ାଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପିପିଲି ମିଶନ ଉ.ପ୍ରା. ବିଦ୍ୟାଳୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ନନ୍ଦ ଯୋଗଦେଇଥିଲେ। ଅବସରପ୍ରାପ୍ତ ପରିଡ଼ାଙ୍କ ଶୃଙ୍ଖଳିତ ଚରିତ୍ର ଓ ନିଷ୍ଠାପର କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପିପିଲି ବ୍ଲକ ପୂର୍ବତନ ବିଆର୍‌ସିସି କେଦାରେଶ୍ୱର ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପୀତବାସ ସେଠୀ, ପୂର୍ବତନ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ପରିଡ଼ା, ପିପିଲି ବ୍ଲକ ସହ-ଶିକ୍ଷାଧିକାରିଣୀ ଲକ୍ଷ୍ମୀପ୍ରିୟା ନାୟକ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ମହାସଚିବ ବିକ୍ରମ ରଥ, ବ୍ଲକ ସଭାପତି ଜୟପ୍ରକାଶ ପ୍ରଧାନ, ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା, ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକ, ପିପିଲି ବ୍ଲକ ସଂଯୋଜିକା ଗୀତାଞ୍ଜଳି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ସମସ୍ତ ଅତିଥି ଓ ସହକର୍ମୀ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପିପିଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁକାନ୍ତ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରଭାତ ଦାଶ, ଉମେଶ ପତି, ସୁମିତ୍ରା ନାୟକ, ନନ୍ଦିତା ଜେନା, ଗାୟତ୍ରୀ ପରମାଣିକ, ଦୀପ୍ତିମୟୀ ମହାପାତ୍ର, ସସ୍ମିତା ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ ଓ ପରିଚାଳନା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କଣାସ,୩୧।୩(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଅଧୀନ ବିଲପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯଦୁମଣି ପ୍ରଧାନଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କଣାସ ବ୍ଲକ ଶିକ୍ଷାଧିକାରୀ ଭବମ ପ୍ରଧାନ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହିତ ତାଙ୍କ ଆଦର୍ଶରେ ଅନ୍ୟମାନେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷା ଅଧିକାରୀ ନିରଞ୍ଜନ ପାତ୍ର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ଶିକ୍ଷା ଅଧିକାରୀ କାର୍ତ୍ତିକ ବେହେରା, ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ବିନୋଦ ବିହାରୀ ସେଠୀ, ପୂର୍ବତନ ସହଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା, ପ୍ରଭାକର ମଙ୍ଗରାଜ, ଶିକ୍ଷକ ସଂଘ ସମ୍ପାଦକ ପ୍ରହଲ୍ଲାଦ ମାନସିଂ, ଭାଗୀରଥି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟ ଦକ୍ଷିଣରାୟଙ୍କ ସଂଯୋଜନାରେ ପ୍ରଧାନଙ୍କୁ ଅତିଥି ଶିକ୍ଷା ଅଧିକାରୀ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟକାଳୀନ ସଭାରେ ପ୍ରଧାନଙ୍କୁ ସ୍ଥାୟୀ ପେନ୍‌ସନ କାଗଜପତ୍ର ପ୍ରଦାନ କରାଯାଇଥିବାରୁ ସେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଉତ୍ସବରେ ପ୍ରାୟ ୩୧ ଜଣ ପ୍ରାକ୍ତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କଣାସ ଅଞ୍ଚଳରେ ପଞ୍ଚଦୋଳ ଯାତ୍ରା ଜମିଲା

କଣାସ,୩୧।୩(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ଅଞ୍ଚଳର ମୁଖ୍ୟ ପର୍ବ ପଞ୍ଚଦୋଳ ଯାତ୍ରା ରବିବାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। କଣାସ, ଦୋକନ୍ଦା, ସିରେଇ, ଜଙ୍କିଆ, ଅଣ୍ଡାଳସିଂହ ଗ୍ରାମରେ ପୃଥକ୍ ପୃଥକ୍ ପଞ୍ଚଦୋଳ ଯାତ୍ରା ଆରମ୍ଭ ହୋଇଛି। କଣାସ ମେଳଣର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ଦେବ, ଦୋକନ୍ଦା ମେଳଣର ଆରାଧ୍ୟ ଠାକୁର ଗୋପୀନାଥ ଦେବ, ସିରେଇ ମେଳଣର ଆରାଧ୍ୟ ଠାକୁର ବାବା ଗତୀଶ୍ୱର ଦେବ, ଜଙ୍କିଆ ମେଳଣର ଆରାଧ୍ୟ ଠାକୁର ବାବା କପିଳେଶ୍ୱର ଦେବ, ଅଣ୍ଡାଳସିଂହ ମେଳଣର ଆରାଧ୍ୟ ଠାକୁର ସିଦ୍ଧେଶ୍ୱର ଦେବ, ମାଳିସାହି ମେଳଣରେ ବାବା କୁମୁଦେଶ୍ୱର ଦେବ ପ୍ରଭାତରୁ ସୁସଜ୍ଜିତ ବିମାନରେ ବସି ଘଣ୍ଟ, ବାଦ୍ୟ, ଆତସବାଜି, ନାଗାନାଟ, ଘୋଡ଼ାନାଚ, ଶଙ୍ଖ, ବାଜା ମଧ୍ୟରେ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଜଙ୍କିଆ ମେଳଣର ଆରାଧ୍ୟ ଠାକୁର ବାବା ଇନ୍ଦ୍ରେଶ୍ୱରଙ୍କୁ ଦର୍ଶନ କରିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମେଳଣର ଥାନାପତି ଆସିବା ପରେ



ଆଖପାଖ ଗ୍ରାମର ଠାକୁରମାନେ ସୁସଜ୍ଜିତ ବିମାନରେ ବିଜେ କରି ମେଳଣ ପଡ଼ିଆରେ ପହଞ୍ଚିଥିଲେ। କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ସହ ସଜାଗ ରହିଥିବା ଦେଖିବାକୁ ମିଳିଥିଲା।

## ନାଗାନୃତ୍ୟରେ ଦୁଲୁକିଲା ଦାଣ୍ଡ

ବ୍ରହ୍ମଗିରି,୩୧।୩ (ସ୍ୱାଧୀନ ଚମ୍ପତିରାୟ):

ବ୍ରହ୍ମଗିରି ପଞ୍ଚୁ ପାଣ୍ଡବ ମେଳଣ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିନରେ ମେଳଣ କୁଞ୍ଜରେ ଦୋଳ ବିମାନ ପହଞ୍ଚିବା ପରେ ଆତସବାଜି ହୋଇଥିଲା। ଏନେଇ ମେଳଣ ପଦାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ସମୟରେ ବ୍ରହ୍ମଗିରିର ବିଭିନ୍ନ ସାହିଗୁଡ଼ିକରୁ ପାରମ୍ପରିକ ନାଗାମେଢ଼ ନୃତ୍ୟର ପ୍ରଦର୍ଶନୀ କରାଯାଇଥିଲା। ଏହି ନାଗାନୃତ୍ୟ ଏ ଅଞ୍ଚଳର ପାରମ୍ପରିକ ଓ ବୀର ପାଇକ କଳାର ପ୍ରତୀକ। ଏହାକୁ ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

ସେହିପରି ଗଡ଼ିଶାଗୋଦା ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ମଧ୍ୟ ଗଡ଼ିଶାଗୋଦା ମାଳିସାହି ମେଳଣରେ ପୋଲିସ ଫୋର୍ସ ମୁତୟନ କରିଥିଲେ।

## ପିପିଲି ବଜାର ପଞ୍ଚଦୋଳ ମେଳଣ ଉଦ୍‌ଯାପିତ



ପିପିଲି,୩୧।୩(ପ୍ରଭାତ ମହାପାତ୍ର):

ଦେଢ଼ଶହ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ଐତିହ୍ୟସମ୍ପନ୍ନ ପିପିଲି ବଜାର ପଞ୍ଚଦୋଳ ମେଳଣ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପିପିଲି ଶ୍ରୀରାମନଗର ସଙ୍କଟମୋଚନ ହନୁମାନ ମନ୍ଦିର ନିକଟରେ ବହୁ ପୁରାତନ କାଳରୁ କଚେରି ମେଳଣ ପରମ୍ପରାକୁ ବଜାୟ ରଖିଆସୁଥିବା ଏହି ପଞ୍ଚଦୋଳ ମେଳଣ ୨ଦିନ ଧରି ବହୁ ଆଡ଼ମ୍ବରରେ ପାଳିତ ହୋଇଥିଲା। ଏଥିରେ ଆଖପାଖରୁ ପ୍ରାୟ ୧୫ଟି ଗ୍ରାମର ଦୋଳ ସାମିଲ ହୋଇଥିଲେ। ବହୁ ଜନସମାଗମ ମଧ୍ୟରେ ପିପିଲି ଶାସନ ମଠସାହି ଗ୍ରାମର ପତିତପାବନ ମନ୍ଦିରରୁ ଥାନପତିଙ୍କ ବିମାନ ପ୍ରଥମେ ଅଣାଯାଇ ମେଳଣ ପଡ଼ିଆରେ ବିଜେ କରାଯିବା ପରେ ଅନ୍ୟ ଗ୍ରାମଗୁଡ଼ିକର ସୁସଜ୍ଜିତ ବିମାନକୁ ପଡ଼ିଆରେ ବିଜେ କରାଯାଇଥିଲା। ତେବେ ୨ ଦିନ ଧରି ଚାଲୁଥିବା ଏହି ମେଳଣରେ ନାମ ସଂକୀର୍ତ୍ତନ ସହ ରାମଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପିପିଲି ବଜାର ମେଳଣ କମିଟି ପକ୍ଷରୁ ଏହି ଐତିହ୍ୟ ମେଳଣ ଆୟୋଜିତ ହୋଇଥିଲା। ଅନୁଷ୍ଠାନ ସଭାପତି ବାମଦେବ ମିଶ୍ର, ସମ୍ପାଦକ ରାମଚନ୍ଦ୍ର ବେହେରା, ସହସମ୍ପାଦକ ଭଗବାନ ଖଟୋଇ, ଉପସଭାପତି ରଘୁନାଥ ଦାସ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଇଂ. ରମେଶ ଚନ୍ଦ୍ର ଶତପଥୀ, ପ୍ରଭାତ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଘଡ଼େଇ ପ୍ରମୁଖ ପରିଚାଳନା କରିଥିଲେ।



ବୀଣାପାଣି ବିଦ୍ୟା ମନ୍ଦିରର ୩୫ତମ ବାର୍ଷିକୋତ୍ସବରେ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ବୀଣାପାଣି ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

ପୁରୀ,୩୧।୩(ଅଜିତ୍ ମହାନ୍ତି):

ପୁରୀ ବୋର୍ଡିଂ ଛକସ୍ଥିତ ବୀଣାପାଣି ବିଦ୍ୟା ମନ୍ଦିରର ୩୫ତମ ବାର୍ଷିକୋତ୍ସବ ପୁରୀ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଦେବାନନ୍ଦ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଦ୍ୟୁତ୍ ପରିଷଦ ଅଧ୍ୟକ୍ଷ ମନୋଜ ରଥ, ପରିଚାଳନା କମିଟି ସମ୍ପାଦକ ବିଜୟ ମୋହନ ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ନିର୍ଦ୍ଦେଶକ ପ୍ରଫେସର ଅତୁଲ ନନ୍ଦ ଯୋଗଦେଇ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଭଗବାନ ସାହୁ ଏବଂ ପରିଚାଳନା କମିଟି ସମ୍ପାଦକ ବିଜୟ ମୋହନ ଦାଶ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବରିଷ୍ଠ ସଭ୍ୟ ଭରତ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହିଅବସରରେ ବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସର୍ବଗୁଣ ସମ୍ପନ୍ନ ଏବଂ ବିଦ୍ୟାଳୟ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ପରିଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଗଦାଧର ଦାସ ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିବାବେଳେ ପ୍ରାତଃ ବିଭାଗର ଅଧିକାରିଣୀ ସୁଶ୍ରୀ ପୁଷ୍ପିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବେଳାଭୂମି ପରିଚ୍ଛନ୍ନ ରଖିବାକୁ ସଚେତନତା

**'କୋଷ୍ଟାଲ ଟ୍ରେକିଂ' ଉଦ୍‌ଯାପିତ**

ପୁରୀ,୩୧।୩(ଅଜିତ୍ ମହାନ୍ତି)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଆୟୋଜିତ ହୋଇଥିବା ୪ଦିନିଆ କୋଷ୍ଟାଲ ଟ୍ରେକିଂ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ୪ଶହରୁ ଉର୍ଦ୍ଧ୍ୱ ରୋଭର ରେଞ୍ଜର ଯୋଗଦାନ କରିଥିଲେ। କୋଷ୍ଟାଲ ଟ୍ରେକିଂ କୋଣାର୍କର ଚନ୍ଦ୍ରଭାଗା ବେଳାଭୂମିରୁ ଆରମ୍ଭ ହୋଇ ପୁରୀ ଦିଗବାରେଣୀ ଛକ ସମ୍ମୁଖ ବେଳାଭୂମିରେ ଶେଷ ହୋଇଥିଲା। ଅନ୍ତିମ ଦିବସରେ ପିଲାମାନେ ପୁରୀ ଗୋଲଡେନ୍ ବିଚ୍‌ରେ ଅଳିଆ ଆବର୍ଜନା ସଫେଇ କରିବା ସହିତ ବେଳାଭୂମି କିପରି ସଫା ରହିବ, ଜଳଜୀବଙ୍କୁ କିପରି ସୁରକ୍ଷା କରାଯାଇପାରିବ ସେଥିପାଇଁ ପ୍ଲାକାର୍ଡ ଧରି ପର୍ଯ୍ୟଟକଙ୍କୁ ସଚେତନ କରାଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର ଯୋଗଦେଇ ଏଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ସମସ୍ତ ସମୁଦ୍ର ତଟବର୍ତ୍ତୀ ଜିଲାରେ କିପରି ଅଧିକରୁ ଅଧିକ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପୋଲିସ ଅଧିକାରୀ ପି.କେ. ବେହେରା, ରାଜ୍ୟ ସ୍କାଉଟ ଆଣ୍ଡ ଗାଇଡ୍ ଆଡ୍‌ଭେଞ୍ଚର କମିଟି ଅଧ୍ୟକ୍ଷ ସ୍ୱାଧୀନ ପଣ୍ଡା, ସ୍କାଉଟ ଆଣ୍ଡ ଗାଇଡ୍ ଜିଲା ସମ୍ପାଦକ ମହେନ୍ଦ୍ର କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ପିଲାଙ୍କୁ ପ୍ରମାଣପତ୍ର ଏବଂ ଫଳକ ଦେଇ ଉତ୍ସାହିତ କରାଯାଇଥିଲା। ରାଜ୍ୟ ସହସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



'କୋଷ୍ଟାଲ ଟ୍ରେକିଂ'ରେ ଅଂଶଗ୍ରହଣ କରିଥିବା ସ୍କାଉଟ୍ସ ଓ ଗାଇଡ୍ସ ।

## ଏବିଇଓଙ୍କୁ ଅବସର ସମ୍ବର୍ଦ୍ଧନା

ଅସ୍ତରଙ୍ଗ,୩୧।୩(ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଈଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କ୍ଲଷ୍ଟର ସାଧନ ସଂଯୋଜକଙ୍କ ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରିଣୀ ରାଜଲକ୍ଷ୍ମୀ ପାତ୍ର ଓ ସମ୍ମାନିତ ଅତିଥି ଭାବେ ସୁଧାଂଶୁବାଳା ଶତପଥୀ ଉପସ୍ଥିତ ଥିଲେ। ମମତାଙ୍କ ଗୁଣାବଳୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।

## କଳିକତି ଦଳରେ ଦୟା, ମକରା ପରିପୂର୍ଣ୍ଣ



କଣାସ, ୩୧।୩(ବିଭୂତି ଭୂଷଣ ତ୍ରିପାଠୀ):

**ମତ୍ସ୍ୟଜୀବୀଙ୍କ ଡଙ୍ଗା ଚଳାଚଳ ବନ୍ଦ**

କଣାସ ବ୍ଲକରେ ପ୍ରବାହିତ ଦୟା ଓ ମକରା ନଦୀରେ କଳିକତି ଦଳ ଜମା ହୋଇଯାଇଛି। ଫଳରେ ନଦୀଜଳ ଦୂଷିତ ହେବା ସହ ଚିଲିକାକୁ ଡଙ୍ଗା ଯୋଗେ ଯାଇ ମାଛ ଧରିବା କଉଡ଼ିଖିଣି ଓ ଜାଗୁଳେଇପଦର ଗ୍ରାମର ମତ୍ସ୍ୟଜୀବୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏହି ଦୂଷିତ ଜଳକୁ ପାଇପ ଜଳ ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କ ଘରକୁ ସିଧାସଳଖ ଯୋଗାଇ ଦିଆଯାଉଥିବାବେଳେ ତାହା ପାନୀୟ ଅନୁପଯୋଗୀ ହୋଇପଡ଼ିଛି। ଏଥିଯୋଗୁ ପାନୀୟଜଳ ସମସ୍ୟା ଦେଖାଦେଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସଭାପତି ରାଜକିଶୋର, ସମ୍ପାଦକ ବସନ୍ତ

ପିପିଲି,୩୧।୩(ପ୍ରଭାତ ମହାପାତ୍ର):

ପିପିଲି ଓକିଲ ସଂଘର ସଭାପତି ଭାବେ ରାଜକିଶୋର ସ୍ୱାଇଁ ଓ ସମ୍ପାଦକ ଭାବେ ବସନ୍ତ ପରିଡ଼ା ଶନିବାର ନିର୍ବାଚିତ ହୋଇଛନ୍ତି। ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ବାର୍ ଆସୋସିଏଶନର ସମସ୍ତ ଆଇନଜୀବୀ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ସଭାପତି ପଦବୀ ପାଇଁ ରାଜକିଶୋରଙ୍କ ବିପକ୍ଷରେ ହାଡ଼ିବନ୍ଧୁ ଜେନା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରାଜକିଶୋର ୩୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ସେହିପରି ସମ୍ପାଦକ ପଦବୀ ପାଇଁ ବସନ୍ତ ପରିଡ଼ାଙ୍କ ବିପକ୍ଷରେ ବସନ୍ତ ଦାଶ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପରିଡ଼ା ୪୧ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ତଥା ସରକାରୀ ଓକିଲ ପ୍ରସନ୍ନ ଚମ୍ପତି ଓ ସହକାରୀ ନିର୍ବାଚନ ଅଧିକାରୀ ଭାବେ ବିଭୁପ୍ରସାଦ ବୈରୀଗଞ୍ଜନ ଉପସ୍ଥିତ ରହି ଏହି ନିର୍ବାଚନ ପରିଚାଳନା କରିଥିଲେ। ବିଜୟୀ ସଭାପତି ରାଜକିଶୋର, ସମ୍ପାଦକ ବସନ୍ତଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ସଂଗଠନ ଓ ପିପିଲି ପେସାଦାର ସାମ୍ବାଦିକ ସଂଘ କାର୍ଯ୍ୟରତ ଖବରଦାତାଙ୍କ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଦିଆଯାଇଛି। ଆଗାମୀ ଦିନରେ ପିପିଲି ବାର୍ ଆସୋସିଏଶନର ଉନ୍ନତି ପାଇଁ ସମସ୍ତ କାର୍ଯ୍ୟପନ୍ଥା ନିଆଯିବା ସହିତ ସାଧାରଣ ଲୋକଙ୍କ ନ୍ୟାୟିକ ବ୍ୟବସ୍ଥା ପାଇଁ ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ଆଇନଜୀବୀ ସ୍ୱାଇଁ କହିଛନ୍ତି।

# ଶ୍ରୀକ୍ଷେତ୍ର ଖଡୁରା ମହିଳା ସମାଜର ପ୍ରତିଷ୍ଠା ଉତ୍ସବ

ପୁରୀ,୩୧।୩(ଅଜିତ୍ ମହାନ୍ତି):

ଶ୍ରୀକ୍ଷେତ୍ର ଖଡୁରା ସମାଜ ପକ୍ଷରୁ ଅଠରନଳା ନିକଟ ନୀଳଚକ୍ରନଗରସ୍ଥ ମାଳତି ଗାର୍ଡେନରେ ରବିବାର ଶ୍ରୀକ୍ଷେତ୍ର ଖଡୁରା ମହିଳା ସମାଜ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ନିଖିଳ ଉତ୍କଳ ଖଡୁରା ସମାଜର ୧୦୮ଟି ଅନୁଷ୍ଠାନର ବିଭିନ୍ନ ପ୍ରାନ୍ତ କର୍ମକର୍ତ୍ତା ଏବଂ ନିଖିଳ ଉତ୍କଳ ଖଡୁରା ସମାଜର ସଭାପତି ଯୋଗଦେଇଥିଲେ। ଶ୍ରୀକ୍ଷେତ୍ର ଖଡୁରା ସମାଜ ସଭାପତି ସୁରେଶ ଚନ୍ଦ୍ର ନାୟକ ସଭା ପରିଚାଳନା ଓ ସମ୍ପାଦକ ଯୋଗେନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ବାଳକୃଷ୍ଣ ନାୟକ ଆୟବ୍ୟୟ ବିବରଣୀ ପାଠ କରିଥିଲେ। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି, ବିଜେଡି ବିଧାୟକ ପ୍ରାର୍ଥୀ ସୁନୀଲ କୁମାର ମହାନ୍ତି ବିଶେଷ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଶ୍ରୀକ୍ଷେତ୍ର ଖଡୁରା ମହିଳା ସମାଜର ସଭାପତି ସ୍ୱର୍ଣ୍ଣପ୍ରଭା ନାୟକ, ସମ୍ପାଦିକା ମନୀଷା ନାୟକ ଓ କୋଷାଧ୍ୟକ୍ଷା ନିଜାଲିନ୍ ନାୟକଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ନିଖିଳ ଉତ୍କଳ ଖଡୁରା ସମାଜ ସମ୍ପାଦକ ପ୍ରସନ୍ନ କୁମାର ନାୟକ, କୋଷାଧ୍ୟକ୍ଷ ଦେବରାଜ ନାୟକ ଏବଂ କାର୍ଯ୍ୟକାରିଣୀ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।




ଶ୍ରୀକ୍ଷେତ୍ର ଖଡୁରା ମହିଳା ସମାଜ ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି ।

# ରାଲି କରି ଉମାଙ୍କ ଶକ୍ତି ପ୍ରଦର୍ଶନ

ପୁରୀ,୩୧।୩(ଅଜିତ୍ ମହାନ୍ତି)

ପୁରୀ ଜିଲା ବ୍ରହ୍ମଗିରି ବିଧାନସଭା ନିର୍ବାଚନୀମଣ୍ଡଳୀ ପାଇଁ ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଉମାକାନ୍ତ ସାମନ୍ତରାୟ ରବିବାର ଶକ୍ତି ପ୍ରଦର୍ଶନ କରିଛନ୍ତି। ବାଇକ୍ ଶୋଭାଯାତ୍ରା ଚନ୍ଦନପୁର ବୀରନରସିଂହପୁର ଗ୍ରାମର ଛକଠାରେ ପହଞ୍ଚିବା ପରେ ଉପସ୍ଥିତ ଥିବା ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ଦିବାକର ପାତ୍ର, ୧୧ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପୂର୍ବତନ ଜିଲାପରିଷଦ ସଦସ୍ୟା ସଦସ୍ୟଙ୍କ ସହ ଦଳ ଆଗ ଧାଡ଼ିର ନେତା ଏବଂ କର୍ମୀମାନେ ଏକ ବିରାଟ ଫୁଲମାଳ ସହ ପୁଷ୍ପଗୁଚ୍ଛ ଦେଇ ଉମାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରେ ଏକ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରି ବୀରନରସିଂହପୁର




ବିଜେଡି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ କର୍ମୀଙ୍କ ସହ ବାଇକ୍ ଶୋଭାଯାତ୍ରା କରୁଛନ୍ତି ।

ଗ୍ରାମ ଦେଇ ପୁରୀ ସଦର ବ୍ଲକ୍‌ର ୧୧ଟି ପଞ୍ଚାୟତ ପରିକ୍ରମା କରି ଶିରୁଳି ମହାବୀର ମନ୍ଦିରଠାରେ ପହଞ୍ଚିଥିଲେ। ଶିରୁଳି ମହାବୀରଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଜନସାଧାରଣ ତାଙ୍କ ଉପରେ ଆଶୀର୍ବାଦ କରି ଜୟଯୁକ୍ତ କରାଇବେ ବୋଲି ସେ ଦୃଢ଼ ଆଶାବାଦୀ ଅଛନ୍ତି ବୋଲି ଉମା କହିଥିଲେ। ବ୍ରହ୍ମଗିରିକୁ ଏକ ନମ୍ବର ନିର୍ବାଚନମଣ୍ଡଳୀରେ ପରିଣତ କରାଯିବ ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମା' ଦକ୍ଷିଣକାଳୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ

ବଡ଼ମ୍ବା,୩୧।୩(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ପଞ୍ଚାୟତସ୍ଥିତ ଜେନା ସାହିରେ ଥିବା ମା' ଦକ୍ଷିଣକାଳୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟ ପୂଜା, ନାମ ସଙ୍କୀର୍ତ୍ତନ ସହ ଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। ମା' ଦକ୍ଷିଣକାଳୀ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବାଦୀପାଲା ପରିବେଷଣ କରାଯାଇଥିଲା।

### ମା' ମଙ୍ଗଳା ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

ମାହାଙ୍ଗା,୩୧।୩(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତସ୍ଥିତ ଚାୟାଁପାଳ ଗ୍ରାମର ମା' ମଙ୍ଗଳା ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତାଭାବେ କୈଳାସ ଘଡେଇ ପୂଜାରେ ବସିଥିବାବେଳେ ପୂଜକ ଅଜୟ କୁମାର କର ଓ ଅଜୟ କୁମାର ସିଂହ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ୫ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳି ଅଂଶଗ୍ରହଣ କରିଥିଲା। ସାମାଜିକ କର୍ମୀ ଆଶିଷ ସାହୁ, ନନ୍ଦକିଶୋର ଦଳାଇ, ପ୍ରଦୀପ୍ତ ଦାସ, ହରେକୃଷ୍ଣ ବାରିକ, ପ୍ରୀତିପ୍ରକାଶ ମିଶ୍ର, ରବି ନାରାୟଣ ଦାସ, ବିଜୟ ବେହେରା, ଅକ୍ଷୟ ବେହେରା, ପ୍ରକାଶ ଘଡେଇ, ଜଗ୍‌ଦୀଶ କରଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପାଞ୍ଚ ଠାକୁରଙ୍କ ଗ୍ରାମ ପରିକ୍ରମା

ବାରଙ୍ଗ,୩୧।୩(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗ୍ରାମର ଇଷ୍ଟଦେବ ପରମେଶ୍ୱରଙ୍କ ପଞ୍ଚଦୋଳ ମହୋତ୍ସବ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରି ରବିବାର ଭୋର ସମୟରେ ଶେଷ ହୋଇଛି। ଏଥିରେ ବିଭିନ୍ନ ଗ୍ରାମର ଠାକୁର ସାମିଲ ହୋଇଥିଲେ। ଠାକୁରଙ୍କୁ ସାଙ୍ଗରେ ଧରି ପ୍ରତ୍ୟେକ ସାହି ପକ୍ଷରୁ ଘୁମୁରା ନାଚ, ସିଂଘ ବାଜା, ପଞ୍ଜାବୀ ଢୋଲ, ତାଳମୂଳି, ରଙ୍ଗବାଜା, ଯୋଡିଶଙ୍ଖ, ଗୋଟିପୁଅ ନୃତ୍ୟ ସାମିଲ ହୋଇଥିଲା। ଗ୍ରାମ ପରିକ୍ରମା କରି ଶେଷରେ ପାଞ୍ଚ ଠାକୁର ମେଳଣ ପଡ଼ିଆସ୍ଥିତ ଗାଦିରେ ବସିଥିଲେ।

### ସ୍ୱଚ୍ଛସାଥୀଙ୍କ ହାତ କଟିଲା

ଭୁବନେଶ୍ୱର, ୩୧।୩(ବନ୍ଦନା ସେଠୀ)

ୱାର୍ଡ ନଂ.୬୦ ଅନ୍ତର୍ଗତ ସୁନ୍ଦରପଦାଠାରେ ଥିବା ବିଏମ୍‌ସିର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି)ରେ କାମ କରୁଥିବାବେଳେ ଜଣେ ସ୍ୱଚ୍ଛସାଥୀଙ୍କ ହାତ କଟିଯାଇଛି। ଗୁରୁତର ଥିବାରୁ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ରବିବାର ମହିଳା ସ୍ୱଚ୍ଛସାଥୀ ପୂଜା ସମ୍ପୃକ୍ତ ଏମ୍‌ସିସିରେ କାମ କରୁଥିଲେ। ଏହି ସମୟରେ ଏମ୍‌ସିସିର ପ୍ରେସର କଟିଙ୍ଗ୍ ମେଶିନ୍‌ରେ କିଛି ଅଳିଆ ଫସି ରହିଯାଇଥିଲା। ମେଶିନ୍‌ର ସୁଇଚ୍ ବନ୍ଦ କରି ଅଳିଆକୁ ହାତରେ କାଢୁଥିଲେ। ମାତ୍ର ଏହି ସମୟରେ କେହି ଭୁଲ୍‌ବଶତଃ ମେଶିନ୍‌ର ସ୍ୱିଚ୍ ଅନ୍ କରିଦେଇଥିଲେ। ଫଳରେ ପୂଜାଙ୍କ ବାମହାତ କଟିଯାଇଛି। କାହାର ଭୁଲ୍ ପାଇଁ ଏଭଳି ଅଘଟଣ ଘଟିଲା ତା'ର ତଦନ୍ତ ପାଇଁ ଦାବି ହୋଇଛି।

# ୩ ମାମଲା: ଦିନକରେ ୪ କୋର୍ଟ ଚାଲାଣ

କଟକ,୩୧।୩(କାର୍ତ୍ତିକ ସାହୁ)



ମଙ୍ଗଳାବାଗ ପୋଲିସ ଗିରଫ କରିଥିବା ୨ ଅଭିଯୁକ୍ତ।

କଟକ ସହରରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଉଥିବାବେଳେ ଆପରାଧିକ କାର୍ଯ୍ୟକଳାପ ଉପରେ ପୋଲିସର କଡ଼ା ନଜର ରହିଛି। କମିଶନରେଟ ପୋଲିସ ଘନ ଘନ ବୈଠକ କରି ଅଧିକାରୀମାନଙ୍କୁ ଚେତାଇ ଦେଉଛି। ଏପରି କି ଫ୍ଲାଗ୍‌ମାର୍ଚ୍ଚ ଜରିଆରେ ଜନସାଧାରଣଙ୍କୁ ପୋଲିସ୍‌ର ଉପସ୍ଥିତି ସମ୍ପର୍କରେ ଅବଗତ କରାଯାଉଛି। ସହର ଯେପରି ଅଶାନ୍ତ ନ ହୁଏ ସେଥିପ୍ରତି ସବୁ ଥାନାର ଅଧିକାରୀ ବିଶେଷ ଯତ୍ନବାନ୍ ଅଛନ୍ତି। ଏପରିସ୍ଥଳେ ୩ଟି ମାମଲାରେ ୪ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ମଙ୍ଗଳାବାଗ ଥାନା ଅଞ୍ଚଳର ୨ଟି ମାମଲାରେ ୨ ଜଣ ଏବଂ ମାଲଗୋଦାମ ଥାନା ଅଞ୍ଚଳର ଗୋଟିଏ ମାମଲାର ୨ ଜଣ ଗିରଫ ହୋଇଛନ୍ତି।

ମଙ୍ଗଳାବାଗ ଥାନା ଅଧୀନ ରାଉସାପାଟଣାର ମାନସ ବାରିକ ୨୦୨୩ରେ ଠକାମିର ଶିକାର ହୋଇଥିଲେ। ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ବୁଦ୍ଧପଡ଼ାର ବାପୁନି ଓରଫ ଘନ ଭୋଇଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ମାନସଙ୍କୁ ୧୦ ଲକ୍ଷ ଟଙ୍କା ଦେଲେ ପ୍ରତିବଦଳରେ ୧୨ ଲକ୍ଷ ଟଙ୍କା ଦେବେ ବୋଲି ଲୋଭ ଦେଖାଇଥିଲେ। ପରେ ସେମାନେ ମାନସଙ୍କ ନିକଟରୁ ୧୦ ଲକ୍ଷ ଟଙ୍କାର ଅସଲି ନୋଟ୍ ନେଇ ନକଲି ନୋଟ୍ ଧରାଇଦେଇଥିଲେ। ଏ ନେଇ ମାନସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୨୦/୨୩) ରୁଜୁ କରିଥିଲା। ଏହି ଘଟଣାରେ ୪ ଜଣଙ୍କୁ ପୋଲିସ ଗିରଫ କରିବା ସହିତ ୧ ଲକ୍ଷ ୩୦ ହଜାର ଟଙ୍କା ଓ ବିଭିନ୍ନ ସୁନା ଅଳଙ୍କାର ଜବତ କରିଥିଲା। ହେଲେ ବାପୁନି ଫେରାର ଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି।

ସେହିପରି ମଙ୍ଗଳାବାଗ ଥାନା ଅଧୀନ ରାଣୀହାଟ ଅଞ୍ଚଳର ଶର୍ମିଳା ସେନ୍ ନାମ୍ନୀ ମହିଳାଙ୍କ ଘରୁ ଗୁପ୍ତଧନ ଉଦ୍ଧାର ଓ ଦୁଷ୍ଟଶକ୍ତିକୁ ବାହାର କରିବାର ଲୋଭ ଦେଖାଇ ୬୨ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ପୋଲିସ ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ କେଶରପୁର ଅଞ୍ଚଳର ମହମ୍ମଦ ଆସ୍‌ଫାକ(୨୩)। ଏନେଇ ୨୦୨୩ ଏପ୍ରିଲ ୨୬ରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୧୪/୨୩) ରୁଜୁ କରିଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ମୌଲାନା କୈଫି ଖାନ୍‌ଙ୍କ ସମେତ ସମିର ଖାନ୍ ଓ ଅମୀର ଖାନ୍‌ଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ନିକଟରୁ ଦାମୀଗାଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା।

ଭୁଜାଲିରେ ଆକ୍ରମଣ କରିବା ଅଭିଯୋଗରେ ମାଲଗୋଦାମ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ମାଲଗୋଦାମ ଥାନା ଅଧୀନ ଯୋବ୍ରା ମହ୍ଲାସାହିର ରାଜା ରେଡ୍ଡୀ ଓ କୁନାଲ ଦାସ। ସେମାନଙ୍କ ନିକଟରୁ ଦୁଇଟି ଛୁରି, ଦୁଇଟି ମୋବାଇଲ୍ ଫୋନ୍, ଭଙ୍ଗା କ୍ରିକେଟ୍ ଷ୍ଟମ୍ପ, ସ୍କୁଟି ଓ ଅନ୍ୟ ଏକ ନମ୍ବରବିହୀନ ବାଇକ୍ ଜବତ କରାଯାଇଛି। ସୂଚନା ଅନୁସାରେ, ଗତ ୨୯ ତାରିଖ ରାତିରେ ଯୋବ୍ରା ମହ୍ଲାସାହି ଅଞ୍ଚଳର ବେଦପ୍ରକାଶ ବେହେରା ଓ ସାନ ଭାଇ ନିତ୍ୟପ୍ରକାଶ ବେହେରା ଯୋବ୍ରାସ୍ଥିତ ତାଙ୍କ ଦୋକାନରେ ଥିଲେ। ଏହି ସମୟରେ ରାଜା, କୁନାଲ, ଶିଖରପୁର ଅଞ୍ଚଳର ଦୀପୁ ଓ ଅନ୍ୟମାନେ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ସେମାନେ କୌଣସି କାରଣରୁ ଗାଳିଗୁଲଜ କରିବା ସହ ଦୋକାନର ସୋ କେସ୍ ଓ ଥଣ୍ଡା ପାନୀୟ ବୋତଲଗୁଡ଼ିକୁ ଭାଙ୍ଗି ଦେଇଥିଲେ। ଏଥିସହ ଭୁଜାଲି, କ୍ରିକେଟ୍ ଷ୍ଟମ୍ପ ଦ୍ୱାରା ବେଦପ୍ରକାଶ ଓ ନିତ୍ୟପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ଏନେଇ ବେଦପ୍ରକାଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୬/୨୪) ରୁଜୁ କରିଛି।

# ଭର୍ତ୍ତୃହରିଙ୍କୁ ଭେଟିଲେ ଭାଜପା ନେତୃବୃନ୍ଦ



ବିହାରୀବାଗଠାରେ ଭାଜପା ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ନେତୃବୃନ୍ଦ ଶୁଭେଚ୍ଛା ଜଣାଉଛନ୍ତି।

କଟକ, ୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ କଟକ ବିହାରୀବାଗଠାରେ କଟକ ଭାଜପାର ନେତୃବୃନ୍ଦମାନେ ରବିବାର ଭେଟିଛନ୍ତି। ଭର୍ତ୍ତୃହରି ଦିଲ୍ଲୀରୁ ଫେରି କଟକରେ ପହଞ୍ଚିବା ପରେ ଭାଜପା କଟକ ନଗର ସଭାପତି ଲଳାଟେନ୍ଦୁ ବଡୁଙ୍କ ନେତୃତ୍ୱରେ କର୍ମୀମାନେ ସ୍ୱାଗତ କରିଥିଲେ। ପରେ ଭର୍ତ୍ତୃହରି ବିଭିନ୍ନ ପ୍ରସଙ୍ଗରେ କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ। ଏନେଇ ଭର୍ତ୍ତୃହରି କହିଛନ୍ତି, ଏବେ ପ୍ରକୃତରେ ଓଡ଼ିଶାର ବିକାଶ ହେବ। ଭାଜପା ଏହା କରିବ। ଓଡ଼ିଆ ଅସ୍ମିତାକୁ ଉଦ୍ଧାର କରିବାରେ ଭାଜପା ଓ ଓଡ଼ିଶାବାସୀ ସାମିଲ ହେବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବୁ। ଏହି କାର୍ଯ୍ୟକ୍ରମରେ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସୌରୀଚନ୍ଦ୍ର ମହାପାତ୍ର, ମଣ୍ଡଳ ସଭାପତି ନିରଞ୍ଜନ ବେହେରା, ଦିଲୀପ ସାହୁ, ନମିତା ମିଶ୍ର, ଯୁବମୋର୍ଚ୍ଚା ସଭାପତି ହରିଚନ୍ଦନ ନାୟକ, ମହିଳା ମୋର୍ଚ୍ଚା ସଭାପତି ପ୍ରବୀଣା ମହାପାତ୍ର, କର୍ପୋରେଟର ଗଗନ ଓଝା, ଲକ୍ଷ୍ମୀଧର ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



କଟକ ଡଗରପଡ଼ା ହନୁମାନ ମନ୍ଦିର ସମ୍ମୁଖରେ ଶ୍ରୀ ଶ୍ରୀ ରାଧାମୋହନଜୀଉ ଯାଦବ ସମିତି ପକ୍ଷରୁ ଅନୁଷ୍ଠିତ ଲଉଡ଼ି ଖେଳ।

## ନବୀନ ନିବାସରେ ବିଜେଡି କର୍ପୋରେଟର

### ଟିକେଟ ପାଇଁ ଆଲୋଚନା

କଟକ, ୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ନବୀନ ନିବାସରେ ରବିବାର ଅପରାହ୍ନ ୪ଟାରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ବିଜେଡି କର୍ପୋରେଟରମାନେ ପହଞ୍ଚିଥିଲେ। ବାରବାଟୀ-କଟକ ବିଧାନସଭା ଆସନ ପାଇଁ କାହାକୁ ଟିକେଟ୍ ଦିଆଯିବ ସେ ସମ୍ପର୍କରେ ନବୀନ ନିବାସରେ ଆଲୋଚନା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ବାରବାଟୀ-କଟକ ବିଧାନସଭା ଆସନ ପାଇଁ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇ ନ ଥିବାବେଳେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା କ୍ରୀଡ଼ା ସଙ୍ଗଠକଙ୍କୁ ନେଇ ଶନିବାର ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟିଥିଲେ। ନିର୍ବାଚନ ପାଖେଇ ଆସୁଥିବାବେଳେ କଟକର ରାଜନୈତିକ ପାଣିପାଗ ସରଗରମ ହେବାରେ ଲାଗିଛି। ଇତିମଧ୍ୟରେ କର୍ପୋରେଟରମାନଙ୍କୁ ଡାକି ଟିକେଟ ସମ୍ପର୍କରେ ଆଲୋଚନା କରାଯିବା ନେଇ ହଟଚମଟ ସୃଷ୍ଟି କରିଛି। ଏହି ଆସନ ପାଇଁ ଦଳ ଯାହାକୁ ଟିକେଟ ଦେବ ତାଙ୍କୁ ସମର୍ଥନ କରିବା ସହ ଜିତାଇବା ଲକ୍ଷ୍ୟ ବୋଲି କୁହାଯାଇଛି। ତେବେ ଓସିଏ ସମ୍ପାଦକ ସଞ୍ଜୟ ନବୀନ ନିବାସ ଯିବା ଓ ଠିକ୍ ତା'ର ପରଦିନ କର୍ପୋରେଟରଙ୍କୁ ଡାକି ଆଲୋଚନା କରିବା ପ୍ରସଙ୍ଗକୁ ନେଇ ସଞ୍ଜୟଙ୍କ ଭାଗ୍ୟ ପରୀକ୍ଷା କରାଯାଉଥିବା ଚର୍ଚ୍ଚା ହେଉଛି। ବାରବାଟୀ-କଟକ ପାଇଁ କାହାକୁ ଟିକେଟ ମିଳିବ, ତାହା କେବଳ ଘୋଷଣା ହେବାକୁ ବାକି ରହିଛି।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ

କଟକ ସଦର, ୩୧।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବସନ୍ତକୁଣ୍ଡଳ ଗ୍ରାମରେ ରବିବାର ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ ସ୍ଥାନୀୟ ଲୋକମାନେ ଯୋଗଦେଇଥିଲେ। ଶୁକ୍ରବାର ଆରମ୍ଭ ହୋଇଥିବା ଏହି ଯଜ୍ଞ ପାଇଁ ସିଉଆ ନଦୀ ଘାଟରୁ କଳସ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞସ୍ଥଳକୁ ଆସିଥିଲା।

# ବିଜୁ ଯୁବ, ଛାତ୍ରଙ୍କ ସହ ଆଲୋଚନା କଲେ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ



ବୈଠକରେ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦେଉଳସାହିସ୍ଥିତ ଏକ ମଣ୍ଡପରେ ବିଜୁ ଯୁବ ଛାତ୍ର ଜନତା ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବିଜେଡିର କଟକ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଯୋଗଦେଇ ବିଜୁ ଯୁବ ଛାତ୍ର ଜନତା ଦଳ କର୍ମୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏପରି କି ସେମାନଙ୍କ ମୌଳିକ ସମସ୍ୟା ପଚାରି ବୁଝିବା ସହ କିପରି ଭାବେ ଲୋକଙ୍କ ନିକଟତର ହୋଇ କାର୍ଯ୍ୟ କରିହେବ ସେ ନେଇ ଆଲୋଚନା କରିଥିଲେ। ଏ ନେଇ ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି, ପ୍ରଥମଥର ପାଇଁ ଏମ୍‌ପି ପ୍ରାର୍ଥୀ ଯୁବ କର୍ମୀଙ୍କ ସହ ମିଶି ଆଲୋଚନା କରିଛନ୍ତି। ଏଥିସହ ଯୁବକର୍ମୀମାନେ ମିଶ୍ରଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ଅପରପକ୍ଷରେ କଟକ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଆଶିଫ୍ ଅମିନ୍ କହିଛନ୍ତି, ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ଦଳର ନୂଆ ଚେହେରା ହୋଇ ସଙ୍ଗଠନକୁ ମଜଭୁତ କରିବା ପ୍ରୟାସ ପ୍ରଶଂସନୀୟ ରହିଛି। ଏହି ବୈଠକରେ ବିଜୁ ଯୁବ ଜନତା ଦଳର କଟକ ନଗର ସଭାପତି ସୌମ୍ୟଦୀପ ଘୋଷ, ରାଜ୍ୟ ଉପସଭାପତି ମିହିର ପରିଡ଼ା, ଯୁବ ଜିଲା କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ରାୟ, ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, ଅବିନାଶ ମହାନ୍ତି, ରାଜ୍ୟ ସମ୍ପାଦକ ସୁମନ ବେହେରା, ଆଶାଶ୍ରୀ ସାହୁ, ନଗର ସଭାପତି ସଞ୍ଜୟ ପଟ୍ଟନାୟକ, ବାରବାଟୀ-କଟକ ଯୁବ ସଭାପତି ସୟଦ୍ ଜଲିଲ୍, ବାରବାଟୀ-କଟକ ଛାତ୍ର ସଭାପତି ଜଗନ୍ନାଥ ମହାରଣାଙ୍କ ସମେତ ସମସ୍ତ କର୍ମୀ ଉପସ୍ଥିତ ରହିଥିଲେ। କଟକ ଜିଲା କୋଅର୍ଡିନେଟର୍ ସୋଭେନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ସମାଜସେବାରେ ବ୍ରତୀ ହୁଅନ୍ତୁ ସ୍ୱୟଂସେବକ'

କଟକ,୩୧।୩ (କାର୍ତ୍ତିକ ସାହୁ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପରମହଂସନାଥ ଉପନଗର ଅଧୀନ ଶ୍ରୀବାଲଗଣେଶ ପ୍ରଭାତ ଶାଖାର ୮ମ ବାର୍ଷିକ ଉତ୍ସବ ମହାନଦୀ ବିହାରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଖାର କାର୍ଯ୍ୟବାହ ତଥା ଭାରତୀୟ ଜଳବାୟୁ କଂଗ୍ରେସ୍‌ର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ସଞ୍ଜୟ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଶାଖାର ସ୍ୱୟଂସେବକମାନେ ଶାରୀରିକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ଆଇନଜୀବୀ ଗୋଲକ ବିହାରୀ ରାଉତ ଯୋଗଦେଇ ସମାଜ ଗଠନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅତୁଳନୀୟ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ପରମହଂସ ଉପନଗର ସଂଘଚାଳକ ଲଳିତେନ୍ଦୁ କାନୁନ୍‌ଗୋ ସ୍ୱୟଂସେବକମାନଙ୍କୁ ଚରିତ୍ରବାନ ହେବା ସହ ରକ୍ତଦାନ ଓ ସମାଜସେବାରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନୟନ କିଶୋର ମହାନ୍ତି, ଇଂ. ପ୍ରମୋଦ କୁମାର ନାୟକ, ସଞ୍ଜୟ କୁମାର ଜେନା, ଜଗଦାନନ୍ଦ ତ୍ରିପାଠୀ, ସମ୍ମିତ ନନ୍ଦ ଓ ମହିମାନନ୍ଦ ସ୍ୱାଇଁ ଯୋଗଦେଇଥିଲେ। ସେବା ପ୍ରମୁଖ ମନୋରଞ୍ଜନ ଜେନା ବିବରଣୀ ପାଠ ଓ ମୁଖ୍ୟ ଶିକ୍ଷକ ପ୍ରଦୋଷ ସେଠୀ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ସ୍ୱୟଂସେବକ ଡ. ଧୀରେନ୍ଦ୍ର କୁମାର ରାଉତରାୟ, ମାନସ ମହାନ୍ତି, ଡ. ଚିତ୍ତରଞ୍ଜନ ବିଶ୍ୱାଳ, ପ୍ରଭଞ୍ଜନ ପଣ୍ଡା, ମନୋରଞ୍ଜନ ସୁନ୍ଦରରାୟ, ଦେବାଶିଷ ସିଂହ, ଅରୁଣ କୁମାର ନାୟକ, ସୁଶୀଲ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତୃତୀୟ ସୁଶୀଲ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାରଙ୍ଗ,୩୧।୩(ଲିଙ୍ଗରାଜ ରାଉତ):

ମହାବୀର କ୍ରିକେଟ୍ କ୍ଲବ ଇଞ୍ଜଣା ଆନୁକୂଲ୍ୟରେ ତୃତୀୟ ସୁଶୀଲ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୨୪ଟି ଦଳ ଭାଗ ନେଇଥିଲେ। ପ୍ରଥମ ମ୍ୟାଚ୍‌ରେ ପିଣ୍ଡିକ ୟୁଥ୍ କ୍ଲବ, ଦାରୁଠେଙ୍ଗକୁ ପରାସ୍ତ କରି ଦାଢ଼ାପାଟଣା କ୍ରିକେଟ କ୍ଲବ ବିଜୟୀ ହୋଇଛି। ଦାଢ଼ାପାଟଣା କ୍ରିକେଟ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୨୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଦାରୁଠେଙ୍ଗ ୧୮୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସୁରେଶ ରାଉତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ କୁଅଁର, ସୁବ୍ରତ ଦାସ, ପ୍ରଦୀପ ଦାସଙ୍କ ସମେତ ଗ୍ରାମର ମୁରବିମାନେ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟକୁ ମହାବୀର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଦୀ ବିହାରସ୍ଥିତ ଏକ ମଣ୍ଡପରେ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଏକ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କର୍ମୀମାନେ ଏକଜୁଟ୍ ହୋଇ କାର୍ଯ୍ୟ କରିବା ସହ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିଏମ୍‌ସିର ବିଭିନ୍ନ ୱାର୍ଡରେ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇ ନିର୍ବାଚନ ସମ୍ବନ୍ଧୀୟ ଦାୟିତ୍ୱ ଅର୍ପଣ କରାଯାଇଛି। ଆସନ୍ତା ନିର୍ବାଚନ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ଥର ନିମନ୍ତେ ସୌଭିକ୍‌ଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ନୂତନ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସଭାରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା, ଡେପୁଟି ମେୟର ଦମୟନ୍ତୀ ମାଝୀ, ନଗର କମିଟିର କାର୍ଯ୍ୟକାରୀ ସଭାପତି ଇଂ. ସୁବ୍ରତ ଘଡାଇ, ସାଧାରଣ ସମ୍ପାଦକ ତାପସ ମହାନ୍ତି, ରାଜେନ୍ଦ୍ର ରଣା, ସାମାଜିକ କର୍ମୀ ସଞ୍ଜୟ ଜେନା, ହିମାଂଶୁ ଷଡଙ୍ଗୀ, ରାକେଶ ତ୍ରିପାଠୀ, କାବୁଲା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ସଭାରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସମେତ ଅନ୍ୟମାନେ।

# 'ଉତ୍ସର୍ଗୀକୃତ ସେବା କରି ରୋଗୀଙ୍କ ମୁହଁରେ ହସ ଫୁଟାଅ'

କଟକ,୩୧।୩ (କାର୍ତ୍ତିକ ସାହୁ)



### ପଦ୍ମିନୀ କେୟାରରେ ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ

ପଦ୍ମିନୀ କେୟାର ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ଭେଷଜ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟରତ ଷ୍ଟାଫ ନର୍ସମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରୋଗୀ ଚିକିତ୍ସା କ୍ଷେତ୍ରରେ ଏଭଳି ପ୍ରଶିକ୍ଷଣଭିତ୍ତିକ କାର୍ଯ୍ୟକ୍ରମ ଅଧିକ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଭେଷଜ ବିଭାଗର ସହକାରୀ ପ୍ରଫେସର ଡା. ଦୀପକ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣା ଯୋଗଦେଇ ଆକସ୍ମିକ ଦୁର୍ଘଟଣା ଓ ହୃଦ୍‌ରୋଗ ସମ୍ବନ୍ଧୀୟ ଜରୁରୀ ଚିକିତ୍ସାବେଳେ ଅନୁସୃତ ପଦ୍ଧତି ଓ ଜୀବନ ରକ୍ଷାକାରୀ ଉପଚାର ସମ୍ପର୍କରେ ବୁଝାଇବା ସହିତ ଉତ୍ସର୍ଗୀକୃତ ସେବା ଦ୍ୱାରା ରୋଗୀ ମୁହଁରେ ହସ ଫୁଟାଇବାକୁ ସେବିକାମାନଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ ପ୍ରଫେସର ଅଶୋକ ପଣ୍ଡା, ଡା. ଆଶାରାମ ପଣ୍ଡା, ସ୍ୱସ୍ତିକ୍ ଆଚାର୍ଯ୍ୟ, ଆଦିସ୍ କୁମାର ପଣ୍ଡା, ରାଜେନ୍ଦ୍ର କୁମାର ବାରିକ, ଡା. କୌଶିକ୍ ସାହୁ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡା. ସ୍ୱାଇଁ ପ୍ରଶ୍ନୋତ୍ତର ମାଧ୍ୟମରେ ଡାକ୍ତରୀ ଶିକ୍ଷା ସମ୍ବନ୍ଧୀୟ ଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରିଥିଲେ। ଭେଷଜ ବିଭାଗର ଭାରପ୍ରାପ୍ତ ନର୍ସ ପ୍ରିୟଦର୍ଶିନୀ ସ୍ୱାଇଁ, ଶୁଭେନ୍ଦୁ ସିଂଙ୍କ ସମେତ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବାଙ୍କୀ କଲେଜ ନୂତନ ଅଧ୍ୟକ୍ଷଙ୍କ କାର୍ଯ୍ୟରେ ଯୋଗଦାନ

ବାଙ୍କୀ,୩୧।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଏବଂ ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମହାନ୍ତିଙ୍କୁ ବିଦାୟୀ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସ, ଡ. ନିରଞ୍ଜନ ରାଉତରାୟ, ପୂର୍ବତନ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ର, ଡ.ନିବାସିନୀ ପଣ୍ଡା, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ଆଶିଷ କୁମାର ପାଢୀ, ଅଧ୍ୟାପକ ଚିନ୍ମୟ ଚିତ୍ତରଞ୍ଜନ, ସହକାରୀ ପରୀକ୍ଷା ନିୟନ୍ତ୍ରକ ବୃନ୍ଦାବନ ପ୍ରଧାନ, ମୁଖ୍ୟ କିରାଣି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ଯୁକ୍ତ ୨ ଅଧ୍ୟକ୍ଷ ରାଜକିଶୋର ପାଲ୍, କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନ, ନଳିନୀକାନ୍ତ ମହାପାତ୍ର, ନକୁଳ ବେହେରା, ଅନନ୍ତ ମହାପାତ୍ର, କ୍ଷେତ୍ରବାସୀ ଦେବତା, କୁମୁଦରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ରହି ନୂତନ ଅଧ୍ୟକ୍ଷଙ୍କୁ ଅଭିନନ୍ଦନଜଣାଇଥିଲେ।

# ଧାନମଣ୍ଡିରେ କଟ୍‌ନି ଛଟ୍‌ନି ବନ୍ଦ ନ ହେଲେ ଆନ୍ଦୋଳନ

**ଜଗତସିଂହପୁର ଜିଲ୍ଲା କୃଷକ ସଙ୍ଗଠନର ବାର୍ଷିକ ବୈଠକ**

- ଅଖା ଟଙ୍କା ଫେରସ୍ତ ପାଇଁ ଦାବି
- ମିଲରଙ୍କ ମନମାନିକୁ ବିରୋଧ

ରଘୁନାଥପୁର,୩୧।୩
(ରାଜେନ୍ଦ୍ର ନାରାୟଣ ସିଂହ)


କୃଷକ ସଙ୍ଗଠନର ବାର୍ଷିକ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁରସ୍ଥିତ ଧଳତଙ୍ଗଗଡ ଜଙ୍ଗଲରେ କୃଷକ ସଙ୍ଗଠନର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ଏଥିରେ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ବୈଠକକୁ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକରେ ଥିବା ଧାନମଣ୍ଡିରେ ମିଲର ପକ୍ଷରୁ ହୋଇଥିବା କଟନୀ ଛଟନୀ ଓ ଅଖା ପଇସାକୁ କେନ୍ଦ୍ରକରି ଉଦ୍‌ବେଗ ପ୍ରକାଶ ପାଇଥିଲା। ରଘୁନାଥପୁର ବ୍ଲକର ବିଭିନ୍ନ ଧାନମଣ୍ଡିରେ ବସ୍ତା ପିଛା ୨ ରୁ ୩ କେଜି ଧାନ କଟାଯିବା ଏବଂ ଚାଷୀଙ୍କୁ ଅଖା ଟଙ୍କା ଫେରସ୍ତ କରାଯାଇ ନ ଥିବା ସମ୍ପର୍କରେ ବୈଠକରେ ଅଭିଯୋଗ ହୋଇଥିଲା। ଏନେଇ ବୈଠକ ସ୍ଥଳରୁ ସଙ୍ଗଠନ ସଭାପତି ଜେନା ଏ ସମ୍ପର୍କରେ ସମ୍ପୃକ୍ତ ମିଲରଙ୍କୁ ପଚାରିଥିଲେ। ମାତ୍ର ସେ ଏହାକୁ ଏଡ଼ାଇଯାଇ କହିଥିଲେ,ଚାଷୀମାନେ ଚିରା ଫଟା ବସ୍ତା ଦେଇଥିବାରୁ ସେମାନଙ୍କୁ ଅଖା ଟଙ୍କା ଦିଆଯିବ ନାହିଁ ବୋଲି କହିଥିଲେ। ପୁନର୍ବାର ସଭାପତି ଜେନା ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗର ଏଆରସିଏସ୍‌ଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏଆରସିଏସ୍ ଦିନେ ଦୁଇଦିନ ମଧ୍ୟରେ ବୁଝିବେ ବୋଲି ପରୋକ୍ଷରେ ଉତ୍ତର ରଖିଥିଲେ। ଖୁବଶୀଘ୍ର ଉପରୋକ୍ତ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ତେବେ ସୁଫଳ ନ ମିଳିଲେ ଚାଷୀମାନେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଚାଷୀ ସମସ୍ୟା ସହ ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ବିଭିନ୍ନ ବ୍ଲକ ଅଞ୍ଚଳରେ ସଭ୍ୟ ସଂଖ୍ୟା ବୃଦ୍ଧି କରାଯିବା ଏବଂ ପରିବେଶ ସୁରକ୍ଷା, ଚାରାରୋପଣ ଓ ମୃତ୍ତିକା ସୁରକ୍ଷା ଭଳି ଅନେକ ଜନହିତକର କାର୍ଯ୍ୟ ହାତକୁ ନେବା ପାଇଁ ସମ୍ପାଦକ ଇଂ. ଜେନା ଦେଇଥିବା ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଉପସଭାପତି ସାରଦା ରାୟ ଓ ଦିଲୀପ ରଥ, ଯୁଗ୍ମ ସମ୍ପାଦକ ଅଭୟ ସାମନ୍ତରାୟ, ବିନୋଦବିହାରୀ ମହାନ୍ତି, ବିଜନ ମହାପାତ୍ର, ଦିଲୀପ ବାରିକ, ବିପିନ ସ୍ୱାଇଁ,ପ୍ରଦୀପ୍ତ ମହାନ୍ତି, ରବି ବେହେରା,ସିଦ୍ଧାର୍ଥ ତ୍ରିପାଠୀ, ବିଚିତ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପାର୍ଥଶାଖା ପାଲଟା ସିଂହଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ବିଜେଡି ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ଶୋଭାଯାତ୍ରା

ନିଶ୍ଚିନ୍ତକୋଇଲି,୩୧।୩
(ଅଶୋକ କୁମାର ମହାପାତ୍ର)

ବିଜେଡି କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି ରବିବାର ଅପରାହ୍ଣରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧୀନରେ ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସିଥିଲେ। ଏହି ଅବସରରେ ମହାନ୍ତିଙ୍କୁ କଟକ-ଚାନ୍ଦବାଲି ରାସ୍ତାର କୋଲଣପୁର ଗ୍ରାମପଞ୍ଚାୟତର କୁଳିଆଠାରୁ କଟିକଟା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। ଏଥିରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେଡି ନେତା ପ୍ରତାପ ଜେନା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ସମେତ ବହୁ ନିର୍ବାଚିତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ବ୍ଲକ ବିଜେଡି ମହିଳା ଓ ପୁରୁଷ କାର୍ଯ୍ୟକର୍ତ୍ତାଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଯୋଗ ଦେଇଥିଲେ। ମହାନ୍ତି ନିଶ୍ଚିନ୍ତକୋଇଲି ବ୍ଲକ ଛକରେ ସମ୍ବିଧାନ ପ୍ରଣେତା ଡ. ବି.ଆର ଆମ୍ବେଡକର ଓ ନିଶ୍ଚିନ୍ତକୋଇଲି ବଜାରରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ତାଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତନ୍‌ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ।


ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ସହ ପ୍ରତାପ ଜେନା ଓ ବିଜେଡି କର୍ମୀମାନେ।

# ସଂସ୍କୃତି ଶିକ୍ଷା ହେଉଛି ବିଦ୍ୟାମନ୍ଦିର ମୂଳଦୁଆ

**ଶଙ୍ଖାମେରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ**

ବଡ଼ମ୍ବା,୩୧।୩(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଶନିବାର ମହା ସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଖଗେଶ୍ୱର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ସଂସ୍କୃତି ଶିକ୍ଷାର ମୂଳଦୁଆ ହେଉଛି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ମାନସ ମୁଦୁଲି, ସମ୍ମାନିତ ବକ୍ତାଭାବେ ବଡ଼ମ୍ବା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ପରମାନନ୍ଦ ସେଠୀ, ସମ୍ମାନିତ ଅତିଥିଭାବେ ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ସ୍ୱାଇଁ, ଶଙ୍ଖାମେରୀ ଗ୍ରାମପଞ୍ଚାୟତ ସରପଞ୍ଚ ଜ୍ୟୋସ୍ନାମୟୀ ବିଶ୍ୱାଳ, ବଡ଼ମ୍ବା ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ଶାନ୍ତିଲତା ସେଠୀ, ନାଏବ ସରପଞ୍ଚ ରବୀନ୍ଦ୍ର କୁମାର ସ୍ୱାଇଁ, ସାମାଜିକ କର୍ମୀ ଦିଲ୍ଲୀପ ପଙ୍ଗାରୀ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ଦୁଃଖୀ ଦେଇ ସ୍ୱାଗତ ଭାଷଣ ଓ ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ସଙ୍ଗଠକ ଦିଲ୍ଲୀପ କୁମାର ସାହୁ, ସମସ୍ତ ଗୁରୁମା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓମ୍ କୁମାର ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ଓ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।


ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ଏକତ୍ର ହୁଅ


ସମାରୋହରେ ସମ୍ବର୍ଦ୍ଧିତ ହୋଇଥିବା କଳାକାର ଓ ଅନ୍ୟମାନେ।

**ଓଡ଼ିଶା ଦିବସ ସମାରୋହର ପ୍ରଥମ ସନ୍ଧ୍ୟା**

ସାଲେପୁର,୩୧।୩ (ଅରବିନ୍ଦ ଭୂୟାଁ)

ଓଡ଼ିଶା ଦିବସ ସମାରୋହ ଓ ସାଲେପୁର ଆଞ୍ଚଳିକ ଖବରଦାତା ସଂଘର ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ପ୍ରଥମ ସନ୍ଧ୍ୟାରେ ସାର୍ଥକ ଟିଭିର ଧାରାବାହିକ'ମାୟା ଓ ମମତା'ର କଳାକାରମାନେ ଯୋଗଦେଇ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକ ଓ ସହ ପ୍ରଯୋଜକଙ୍କ ସମେତ ଏହି ଧାରାବାହିକରେ ଅଭିନୟ କରିଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ପକ୍ଷରୁ ମାନପତ୍ର, ଉତ୍ତରୀୟ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଉତ୍ସବରେ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଇଂ. ଆକ୍ୟୁବ୍ ଖାଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଲେପୁର ମାଟିରେ ଏଭଳି କାର୍ଯ୍ୟକ୍ରମ ସମସ୍ତଙ୍କୁ ଏକାଠି କରିପାରିଛି ବୋଲି କହିଥିଲେ। ଏଥିସହ ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତେ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଯୁବନେତା ଇଂ.ସିଦ୍ଧାନ୍ତ ସ୍ୱରୂପ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶା ଦିବସର ଐତିହ୍ୟ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତାଭାବେ କୃଷକ ସମ୍ବାଦ ଓ ସର୍ବଶକ୍ତି ପତ୍ରିକାର ସମ୍ପାଦକ ଭାସ୍କର ଚନ୍ଦ୍ର ବେହେରା ଯୋଗଦେଇ ସାଲେପୁରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ କୁମାର ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ହୃଷିକେଶ ମଲ୍ଲିକ, ସହସମ୍ପାଦକ ପ୍ରଦୀପ ପରିଜା, କୋଷାଧ୍ୟକ୍ଷ ସୁଧୀର ଶତପଥୀ, ଅରବିନ୍ଦ ଭୂୟାଁ, ହେମନ୍ତ ଭୂୟାଁ, ସୁଜିତ୍ କୁମାର ଭୂୟାଁ, ଶିଶିର କୁମାର ଦାଶ, ଅନନ୍ତ ଚରଣ ଦାଶ, ପ୍ରତାପ ଭୂୟାଁ, ପ୍ରଦୀପ୍ତ କର, ବିରଞ୍ଚିନାରାୟଣ କର, ନାରାୟଣ ଭୂୟାଁ, ବିଭୁତିଭୂଷଣ କର, ପ୍ରତ୍ୟୁଷ ମହାନ୍ତି, ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ।

# ଉପଖଣ୍ଡ ଚିକିତ୍ସାଳୟରେ ଏଚ୍‌ଆଇଭି, ଏଡ୍‌ସ୍ ରୋଗର ଚିହ୍ନଟ କେନ୍ଦ୍ର ପୁନଃସ୍ଥାପନ ପାଇଁ ଦାବି

ବାଙ୍କୀ,୩୧।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ୨୦୦୬ ସେପ୍ଟେମ୍ବରରେ ଏଚ୍‌ଆଇଭି ଏବଂ ଏଡ୍‌ସ୍ ରୋଗର ପରାମର୍ଶ ଓ ଚିହ୍ନଟ ପାଇଁ ଆଇସିଟିସି କେନ୍ଦ୍ର ଖୋଲାଯାଇଥିଲା। ଏଠାରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଓ ପରାମର୍ଶ କେନ୍ଦ୍ର ଖୋଲାଯାଇ ରୋଗ ନିରୂପଣ କରାଯାଉଥିଲା। ମାତ୍ର କିଛିଦିନ ପୂର୍ବରୁ ଏଠାରୁ ଆଇସିଟିସିକୁ ସମ୍ପୂର୍ଣ୍ଣ ଉଠାଇ ନିଆଯାଇଛି। କଟକ ଜିଲାର ସାଲେପୁର, ମାହାଙ୍ଗା, ବଡ଼ମ୍ବା ଓ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସିଟିସି ଥିବାବେଳେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରୁ ଏହାକୁ ଉଠାଇ ନିଆଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ଏଚ୍‌ଆଇଭି ପଜିଟିଭ୍ ରିପୋର୍ଟ ପାଇଁ କଟକ ବଡମେଡିକାଲ୍ ଉପରେ ବାଙ୍କୀର ଜନସାଧାରଣଙ୍କୁ ନିର୍ଭର କରିବାକୁ ପଡୁଛି। ଅତୀତରେ ସବୁ ବ୍ଲକରେ ପଞ୍ଚାୟତିରାଜ ସଭ୍ୟମାନଙ୍କ ମଧ୍ୟରେ ଏଚ୍‌ଆଇଭି ଏବଂ ଏଡ୍‌ସ ସଚେତନତା କର୍ମଶାଳା ଅନୁଷ୍ଠିତ ହେଉଥିବାବେଳେ ବର୍ତ୍ତମାନ ବାଙ୍କୀ ଉପଖଣ୍ଡରେ କୌଣସି କର୍ମଶାଳା ହେଉନାହିଁ। ଏବେ ଏଠାରେ ଏହି ରୋଗ ସମ୍ପର୍କରେ ସଚେତନତାର ଅଭାବ ରହିଛି। ତେଣୁ ବାଙ୍କୀରେ ଆଇଟିସି ପୁନଃ ସ୍ଥାପନ ନିମନ୍ତେ ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିପ୍ରତି ରାଜ୍ୟ ସ୍ୱାସ୍ଥ୍ୟବିଭାଗ ତୁରନ୍ତ ଦୃଷ୍ଟି ଦେଲେ ଏହି ରୋଗୀମାନେ ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

# ରାଇଜିଂ ଷ୍ଟାର୍ ଗୋତରା ଚାମ୍ପିୟନ

**ଶିବଶକ୍ତି କ୍ରିକେଟ୍ ଟୁର୍ନାମେଣ୍ଟ**

ନିଶ୍ଚିନ୍ତକୋଇଲି,୩୧।୩
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ ଗଡିଜଙ୍ଗସ୍ଥିତ ଶିବଶକ୍ତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ଗୋତରା ରାଇଜିଂ ଷ୍ଟାର କ୍ରିକେଟ୍ କ୍ଲବ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଫାଇନାଲ ମ୍ୟାଚ ଗୋତରା ରାଇଜିଂ ଷ୍ଟାର ଓ ଗଣେଶପୁର କ୍ରିକେଟ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଗୋତରା ରାଇଜିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୧୦ ରନ ସଂଗ୍ରହ କରିଥିଲା। ଜବାବରେ ଗଣେଷପୁର କ୍ରିକେଟ କ୍ଲବ ୭୭ ରନରେ ସମସ୍ତ ଉଇକେଟ୍ ହରାଇ ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ନରେନ୍ଦ୍ରପୁର ସରପଞ୍ଚ ନମିତା ରାୟ, ମୁଖ୍ୟ ବକ୍ତାଭାବେ ଆଇନଜୀବୀ ଭିକାରୀ ଚରଣ ସେଠୀ, ପଞ୍ଚାୟତ ବିଜେଡି ସଭାପତି ବିନୋଦ ବିହାରୀ ଚୌଧୁରୀ, ସାମାଜିକ କର୍ମୀ ବିମଳ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳକୁ ଗିରିଜା ଶଙ୍କର ପଣ୍ଡା, ଶରତ ସୂତାର, ଉମେଶ ଚନ୍ଦ୍ର ମଳିକ, ରଞ୍ଜନ ସୂତାର, ରାକେଶ ସାହାଣୀ ଓ ରାକେଶ ବାରିକ ପ୍ରମୁଖ ପରିଚାଳନା କରିଥିଲେ।


ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ସରିଲା ପ୍ରସିଦ୍ଧ ପଞ୍ଚଦୋଳ

ଆଠଗଡ,୩୧।୩(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଗଡ଼ଜାତର ପ୍ରତୀକ ତଥା ଆଠଗଡ଼ ରାଜବଂଶର ଇଷ୍ଟଦେବ ଶ୍ରୀ ରାଧା ଗୋବିନ୍ଦ ଦେବଙ୍କ ନଗର ଯାତ୍ରା ତଥା ପ୍ରସିଦ୍ଧ ଆଠଗଡ ପଞ୍ଚ ଦୋଳଯାତ୍ରା ରବିବାର ଆନନ୍ଦ ଉଲ୍ଲାସର ସହ ଶେଷ ହୋଇଛି। ଏହି ଅବସରରେ ଆଠଗଡ ପ୍ରଶାସନ ତଥା ସ୍ଥାନୀୟ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପରମ୍ପରା ଅନୁଯାୟୀ, ଶ୍ରୀରାଧା ଗୋବିନ୍ଦଙ୍କ ନିମନ୍ତ୍ରଣ ଅନୁଯାୟୀ, ଆଠଗଡ ସହରସ୍ଥିତ ରାଜବଂଶର ଠାକୁର ଅଟ୍ଟାଳୀ ଜଗନ୍ନାଥ, ରଘୁନାଥ, ଶ୍ରୀଲକ୍ଷ୍ମୀ ନୃସିଂହ ସମେତ ଆଠଗଡ ଗଡ଼ଜାତ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଧବଳେଶ୍ୱର, ସର୍ପେଶ୍ୱର ଦେବଙ୍କ ସହ ପ୍ରାୟ ୫୭ଟି ବିମାନ ଯୋଗଦେଇଥିଲେ। ବିମାନଗୁଡିକ ପୁରୁଣ ରାଜବାଟୀ ଅନ୍ତର୍ଗତ ଶ୍ରୀରାଧା ଗୋବିନ୍ଦ ମନ୍ଦିର ନିକଟସ୍ଥ ପଡିଆରେ ଏକତ୍ରିତ ହେବାପରେ ବିଳମ୍ବିତ ରାତିରେ ପାରମ୍ପରିକ ଲଉଡି ଖେଳ, ରୋଷଣୀ, ବାଦ୍ୟ, ବାଣ ମାଧ୍ୟମରେ ଶୋଭାଯାତ୍ରା ବାହାରି ଥିଲେ। ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ କୃଷ୍ଣ ବଲ୍ଲଭ ମନ୍ଦିରରେ ରାଜବଂଶ ପକ୍ଷରୁ ରାଜଭୋଗ ଲାଗି କରାଯାଇଥିଲା। ଏହାପରେ ଠାକୁର ମାନେ ଆଠଗଡ ଦୁର୍ଗାବଜାରସ୍ଥିତ ଯାତ୍ରା ପଡ଼ିଆଠାରେ ଯାତ୍ରା ଆରମ୍ଭ କରିଥିଲେ। ରବିବାର ସକାଳୁ ପୁନର୍ବାର ଶ୍ରୀ ଜୀଉମାନଙ୍କୁ ରାଜଭୋଗ ଲାଗି କରାଯାଇଥିଲା। ପରେ ଆଠଗଡ ଦେବୋତ୍ତର ନିରୀକ୍ଷକ ଭବାନୀ ଶଙ୍କର ପଣ୍ଡା ସଂଯୋଜନାରେ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଆଠଗଡ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇ ଏଥିରେ ଯୋଗଦେଇ ଆଠଗଡ ଗଡ଼ଜାତର ବିଭିନ୍ନ ଅଞ୍ଚଳରୁ ଆସିଥିବା ବିମାନମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ପାରମ୍ପାରିକ ବିଦାକି ଜଣାଇଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ତହସିଲଦାର କ୍ଷେତ୍ର ମୋହନ ସ୍ୱାଇଁ, ସଂକୀର୍ତ୍ତନ ଗାୟକ ଅଜୟ କୁମାର ଦାସ, ମାନସ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପରେ ଧବଳେଶ୍ୱର, ସର୍ପେଶ୍ୱର ଦେବଙ୍କ ସମେତ ଅନ୍ୟାନ୍ୟ ଗ୍ରାମର ବିମାନଗୁଡ଼ିକୁ ଗଡଜାତୀୟ ବିଧିବ୍ୟବସ୍ଥା ଅନୁଯାୟୀ, ବିଭିନ୍ନ ସାହି ବସ୍ତିରେ ଚାଚେରୀ ଭୋଗ ଲାଗି କରାଯାଇଥିଲା। ଏହାପରେ ପାରମ୍ପରିକ ନିଆରା ହୋଲି ଖେଳ ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ, ଆଠଗଡ ଗଡ଼ଜା ରେ ଦୋଳ ଯାତ୍ରା ଗଣପର୍ବ ଅଟେ। ନିଆର ପରମ୍ପରା ପାଇଁ ଏହାର ସ୍ଥାନ ରାଜ୍ୟରେ ସ୍ୱତନ୍ତ୍ର। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ,ଆଠଗଡର ରାଜବଂଶ ବୈଷ୍ଣବ ଧର୍ମୀ ଥିଲେ। । ଏହି ଦୋଳଯାତ୍ରା ସମୟରେ ଶ୍ରୀରାଧାକୃଷ୍ଣଙ୍କର ବସନ୍ତ ରାସ ପାଇଁ ଗଡ଼ଜାତର ବିଭିନ୍ନ ଗ୍ରାମରେ ଯାତ୍ରା କରୁଥିଲେ। ଫଗୁ ଦଶମୀ ଠାରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ। ଯାତ୍ରା ପରଦିନ ଗ୍ରାମରେ ହୋଲି ଖେଳ ହୋଇଥାଏ। ଚତୁର୍ଦ୍ଦଶୀ ଦିନ ଶ୍ରୀ ନଅର ରାଜଦୋଳ ଅନୁଷ୍ଠିତ ହୋଇ ପଞ୍ଚୁଦୋଳ ପାଳନ କରାଯାଏ।


ଆଠଗଡ଼ରେ ଅନୁଷ୍ଠିତ ପଞ୍ଚଦୋଳ ଉପଲକ୍ଷେ ବିମାନଗୁଡିକୁ ଶୋଭାଯାତ୍ରାରେ ନିଆଯାଉଛି।

## କୁଆଁପାଳ, ଆଖଣ୍ଡଳମଣି ଦୋଳ ମେଳଣ ଉଦ୍‌ଯାପିତ


କୁଆଁପାଳ ଦୋଳ ମେଳଣରେ ଯୋଗଦେଇଥିବା ଭକ୍ତମାନେ।

ମାହାଙ୍ଗା,୩୧।୩(ଯଯାତି ସିଂହ)

ମାହାଙ୍ଗା ବ୍ଲକ କୁଆଁପାଳ ବଜାର କମିଟି ପକ୍ଷରୁ ଚାଲିଥିବା ଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଥାନପତି ଭାବେ ନନ୍ଦୀବଟ ମହାପୁରୁଷଙ୍କ ଦୋଳ ବିମାନ ମେଳଣ ପଡ଼ିଆକୁ ବିରାଜମାନ କରିବା ପରେ ଅନ୍ୟ ବିମାନଗୁଡ଼ିକ ଆସିଥିଲେ। ବରିଷ୍ଠ ପୂଜକଙ୍କ ଦ୍ୱାରା ଭୋଗ ଲାଗି କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ,ଶ୍ରୀକୃଷ୍ଣପୁର ସରପଞ୍ଚ ରାଜକିଶୋର ବଳ, ଜଳେଶ୍ୱରପୁର ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା,ଯାଦବ ଚନ୍ଦ୍ର ଦାଶ,ଲକ୍ଷ୍ମୀଧର ଖୁଣ୍ଟିଆ, ଆଲୋକ ବାରିକ, ଅଭୟ ଚରଣ ପଣ୍ଡା, ଆଇନଜୀବୀ ଦୀପକ କୁମାର ମହାନ୍ତି, ଜନ୍ମେଜୟ ବଳ, ଜ୍ୟୋତିଭୂଷଣ ବିଶ୍ୱାଳ,ଅମର ଜେନାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ମୂଳବସନ୍ତ ପଞ୍ଚାୟତସ୍ଥିତ ହଂସଦିଆ ଆଖଣ୍ଡଳମଣି ମନ୍ଦିର ପରିସରରେ ହଂସଦିଆ ପଞ୍ଚ ଦୋଳ ମେଳଣ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଥାନପତି ଭାବେ ପ୍ରଭୁ ଗୋପିନାଥଜୀଉଙ୍କୁ ଦୋଳ ବିମାନରେ ବାଜା, ବାଣ, ସଂକୀର୍ତ୍ତନ ଓ ରୋଷଣି ସହ ମେଳଣ ପଡିଆକୁ ବିରାଜମାନ କରାଯାଇଥିଲା । ପରେ ଅନ୍ୟ ଦୋଳ ବିମାନ ପଡିଆକୁ ଆସିଥିଲେ। ବରିଷ୍ଠ ପୂଜକଙ୍କ ଦ୍ୱାରା ଭୋଗ ଲାଗି କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନାରାୟଣ କର,ପ୍ରଶାନ୍ତ କର, ଶ୍ୟାମସୁନ୍ଦର ବାରିକ, ପଞ୍ଚାନନ ପଣ୍ଡା, ଅଶୋକ ଦାଶ, ବୀରକିଶୋର ଲେଙ୍କା, ସଞ୍ଜୀବ ପଣ୍ଡା, ବିଷ୍ଣୁ ମଲ୍ଲିକ, ବାଉରୀବନ୍ଧୁ ମଲ୍ଲିକ, ଦିଲୀପ ପାଢି, ପ୍ରଦ୍ୟୁମ୍ନ କର, ବସନ୍ତ ରାଉତ, ଦୀପକ ପୃଷ୍ଟି, ମହେଶ୍ୱର ମହାପାତ୍ର, ଜୟଦେବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**ସଂକ୍ଷେପରେ**

## କ୍ୟାବିନ ଜାଳିଦେଲେ, ଥାନାରେ ଅଭିଯୋଗ

ବେଗୁନିଆ,୩୧।୩(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଧୀନ କୁଶପଲ୍ଲା ଗ୍ରାମରେ ଥିବା ଏକ ଦୋକାନ କ୍ୟାବିନରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ନିକଟ ପାନୀୟଜଳ ପ୍ରକଳ୍ପ ପରିସରରେ ଲଗାଯାଇଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ସୂଚନା ମୁତାବକ, କୁଶପଲ୍ଲା ଗ୍ରାମର ଦୀପକ କୁମାର ସେନାପତି ଏକ କ୍ୟାବିନ ମଧ୍ୟରେ ଗ୍ରୋସରି ସାମଗ୍ରୀ ରଖି ବିକ୍ରି କରନ୍ତି। ଶନିବାର ରାତିରେ ସେ କ୍ୟାବିନ ବନ୍ଦକରି ଘରକୁ ଯାଇଥିଲେ। ରବିବାର ଭୋରୁ ଦୀପକ କ୍ୟାବିନ ଖୋଲିବାକୁ ଯାଇ ଦେଖିବାବେଳକୁ ଜଳିପୋଡ଼ି ଛାରଖାର ହୋଇଯାଇଛି। କ୍ୟାବିନରେ ଥିବା ପ୍ରାୟ ୪୦ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି।

## ବିଜେଡି ଭୁବନେଶ୍ୱର ଜୋନ କମିଟିର ସାଧାରଣ ସମ୍ପାଦକ ହେଲେ ଶ୍ରୀକାନ୍ତ

ବୋଲଗଡ଼,୩୧।୩(ଦେବବ୍ରତ ହୋତା)



ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମର ଶ୍ରୀକାନ୍ତ କୁମାର ତ୍ରିପାଠୀ ଭୁବନେଶ୍ୱର ଜୋନ୍ କମିଟି ପାଇଁ ବିଜୁ ଜନତା ଦଳ(ବିଜେଡି)ର ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସୂଚନାଥାଉ କି, ତ୍ରିପାଠୀ ବିଜେଡିର ପଞ୍ଚାୟତ ଯୁବ ପ୍ରତିନିଧିଭାବେ ମୋ ପରିବାର ଜୀବନବିନ୍ଦୁ ରକ୍ତଦାନ ଶିବିର ସମେତ ବିଭିନ୍ନ ପ୍ରକାର କାର୍ଯ୍ୟକରି ସମସ୍ତଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲେ। ତେବେ ବିଜେଡିର ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଜିଲା ଯୋଜନା ବୋର୍ଡ କମିଟିର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବନ୍ଧୁମିଳନ ଉତ୍ସବ

ଯାଁଳା, ୩୧।୩(ବୁଲା ବାରିକ)

ମେଣ୍ଢାଶାଳ ଉଚ୍ଚବିଦ୍ୟାଳୟ ପୂର୍ତ୍ତି ଉପଲକ୍ଷେ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସହିତ ଏକ ବନ୍ଧୁମିଳନ ଉତ୍ସବ ଛତାବର ଶିବମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବାସୁଦେବ ମହାପାତ୍ର, ଭରତ ଚନ୍ଦ୍ର ରାଉତରାୟ, ହରିହର ମହାରଣା ଓ ପ୍ରତ୍ୟେକ ଛାତ୍ରୀଛାତ୍ର ସପରିବାର ସହ ଯୋଗଦେଇ ପୁରୁଣା ସ୍ମୃତି ମନେପକାଇ ଖୁସିବ୍ୟକ୍ତ କରିଥଲେ। ପୁରାତନ ଛାତ୍ର ନଗେନ୍ ସିଂ, ଶତ୍ରୁଘ୍ନ ବହାନୀପତି, ପ୍ରମୋଦ ପ୍ରହରାଜ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାବା ବୁଖାରୀଙ୍କ ବାର୍ଷିକ 'ଉର୍ସ' ଉତ୍ସବ ୩ରେ

ନିରାକାରପୁର,୩୧।୩(ମାନସ ଚନ୍ଦ୍ର ପଟ୍ଟନାୟକ)

କାଇପଦରସ୍ଥିତ ସର୍ବଧର୍ମ ସମନ୍ୱୟ ପୀଠ ବୁଖାରୀ ବାବା(ସତ୍ୟପୀର)ଙ୍କ ବାର୍ଷିକ 'ଉର୍ସ' ଉତ୍ସବ ଏପ୍ରିଲ ୩ରୁ ଆରମ୍ଭ ହେବ। ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସେଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି କ୍ରିୟା କମିଟି ପକ୍ଷରୁ ବାବାଙ୍କ ପୀଠ ମଧ୍ୟ ସଜେଇ ହେଉଛି। ତେଣୁ ଉକ୍ତ ଉତ୍ସବରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ ଅନୁଷ୍ଠାନର ସଭାପତି ଏସ୍.କେ. ସନାଉଲ୍ଲା ନିବେଦନ କରିଛନ୍ତି।

# ସରିଲା ବାଣପୁର ପଞ୍ଚୁଦୋଳ ମେଳଣ

ଗମ୍ଭାମରୀମୁଣ୍ଡା,୩୧।୩(ଦିଲୀପ ସ୍ୱାଇଁ)



ବାଣପୁର ପଲଟଣ ପଡ଼ିଆରେ ଅନୁଷ୍ଠିତ ପଞ୍ଚୁଦୋଳ ମେଳଣରେ ଶ୍ରଦ୍ଧାଳୁଙ୍କ ଗହଳି।

ଖୋର୍ଦ୍ଧା ଜିଲା ବାଣପୁର ପଲଟଣ ପଡ଼ିଆରେ ଅନୁଷ୍ଠିତ ପଞ୍ଚୁଦୋଳ ମେଳଣ ରବିବାର ଉଦ୍‌ଯାପିତ ହୋଇଯାଇଛି । ଆରମ୍ଭରେ ଦୁର୍ଗାମାଧବଙ୍କ ଭେଟ ଓ ଶେଷଦିବସ ମେଳଣରେ ଜଗନ୍ନାଥପୁର ଶାସନର ଚନ୍ଦ୍ର ଶେଖରଙ୍କ ସହିତ ବାଣପୁରର ଆଧିଷ୍ଠାତ୍ରୀ ମା'ଭଗବତୀଙ୍କ ମେଳନ ହୋଇଥିବା ବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ସ୍ଥାନାଧିପତି ଶ୍ରୀଚରଣ ଚକଦେବଙ୍କ ନିମନ୍ତ୍ରଣକ୍ରମେ ଶ୍ରୀଦକ୍ଷେଶ୍ୱର, ମା' ଭଗବତୀ ଆଠଶାସନର ମୁଖ୍ୟ ରଙ୍କନାଥ ଦେବ, ୯ଦେଉଳର ମୁଖ୍ୟ ଉମାମହେଶ୍ୱର, ଭେଟିନାଥ ଦେବ ପ୍ରମୁଖ ଦେବଦେବୀଙ୍କ ସହିତ କପିଳେଶ୍ୱର ଦେବ, ଗୋପୀନାଥ ଦେବ, ବାଲୁଙ୍କେଶ୍ୱର, ରଘୁନାଥ, ଗଡ଼ିଶ୍ୱର, ଗୁପ୍ତେଶ୍ୱର, ରାମେଶ୍ୱର, ସ୍ୱପ୍ନେଶ୍ୱର ଦେବ ଝାଡ଼େଶ୍ୱର ଦେବଙ୍କ ସମେତ ଆଖପାଖ ଗ୍ରାମର ୧୭୦ ଠାକୁରଙ୍କ ବିଜେ ପ୍ରତିମା, ବୃଷଭ, ସିଂହ, ଗରୁଡ଼, ହନୁମାନ ଓ ଚଉଦଳ ଆଦି ୮୨ବିମାନରେ ସୁସଜ୍ଜିତ ହୋଇ ପଟୁଆରରେ ବିଭିନ୍ନ ଗ୍ରାମ ପରିକ୍ରମା କରି ପଲଟଣ ପଡିଆରେ ଏକତ୍ରିତ ହୋଇଥିଲେ। ମା' ଭଗବତୀ, ଚରଣ ଚକାଦେବ, ରଙ୍କନାଥ ଦେବ, ଉମାମହେଶ୍ୱର ଦେବ ପ୍ରମୁଖ ଆସନ ଗ୍ରହଣ କରିବା ପରେ ଅନ୍ୟ ଦେବଦେବୀ ନିଜ ଆସନରେ ଉପବେଶନ ହୋଇଥିଲେ। ଶନିବାର ରାତିରୁ ଭକ୍ତଙ୍କ ଭିଡ଼ ଲାଗିରହିଥିବା ବେଳେ ରଙ୍ଗବେରଙ୍ଗ ଆଲୋକମାଳ, ଘୋଡା ନାଚ, କୀର୍ତ୍ତନ, ଘଣ୍ଟ କାହାଳି, ଶଙ୍ଖ ଓ ତୁରୀ, ଆତସବାଜି, ହରିବୋଲ, ହୁଳହୁଳି ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରବିବାର ଦିନତମାମ ସଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ୫୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପଞ୍ଚୁଦୋଳ କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବାଣପୁର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଅଗ୍ନିଶମ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ଜମୁଛି ରାମେଶ୍ୱର ପଞ୍ଚୁଦୋଳ

ନିରାକାରପୁର,୩୧।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱରର ପଞ୍ଚୁଦୋଳ ଉତ୍ସବର ଜମାଣ ପର୍ବ ଶନିବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଛି। ଏହି ଅବସରରେ ଥାନପତି ରାମେଶ୍ୱର ଗ୍ରାମର ଶ୍ରୀରାମନିଧିଦେବ ଓ ଜଗତମୋହନ ଦେବଙ୍କୁ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ଅଣାଯାଇଥିଲା। କେଳା-କେଲୁଣୀ, ଶବର-ଶବରୁଣୀ, ଶିବ-ପାର୍ବତୀ, ଧୋବା-ଧୋବଣୀ ଆଦି ପାରମ୍ପରିକ ନୃତ୍ୟ ସାଙ୍ଗକୁ ଘୋଡ଼ା, ବାଘ, ଭାଲୁ ନୃତ୍ୟ ସହ ବାଜା, ତୁରୀ ଓ ହରିବୋଲ ହୁଳହୁଳିରେ ଗାଁ ଦାଣ୍ଡ କମ୍ପି ଉଠିଥିଲା। ଅନୁରୂପଭାବେ ନିମନ୍ତ୍ରିତ ମିରିଗଦୟଣୀ, ମଧୁବନ, ତାଳପଡା, ଚନ୍ଦନପୁର, ଖଜୁରିପଡା, ପଦ୍ମପୁର, ଯାଜପୁର, କୁନିଆସାମନ୍ତରାପୁର ଆଦି ଗ୍ରାମର ଇଷ୍ଟ ଦେବଦେବୀଙ୍କ ୨୭ ଦୋଳ ମେଳଣ ପଡିଆରେ ଆସୀନ ହୋଇଥିଲେ। ଅନୁଷ୍ଠାନ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ମେଳଣ ପଡ଼ିଆରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଚଟ୍‌ପଟି ଖାଦ୍ୟଠାରୁ ଆରମ୍ଭକରି ଘରକରଣା ସାମଗ୍ରୀ ଆଦିର କିଣାବିକା ଜୋର୍ ଧରିଥିଲା। ଏଥିସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ମେଳଣ ପଡ଼ିଆରେ ଏକାଠି ହୋଇଥିବା ଦୋଳ ଠାକୁର।

## ସରିଲା ମୁଣ୍ଡମୁହାଣ ପଞ୍ଚୁଦୋଳ ମେଳଣ

ଯାଁଳା,୩୧।୩(ବୁଲା ବାରିକ)

ମୁଣ୍ଡମୁହାଣର ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ତୃତୀୟା ତିଥିରୁ ଆରମ୍ଭ ହୋଇଥିବା ଏହି ଦୁଇଦିନିଆ ମେଳଣ ରବିବାର ଷଷ୍ଠୀ ତିଥିରେ ହରିହର ଭେଟ ସହ ସମ୍ପନ୍ନ ହୋଇଛି। ଗତ ଗୁରୁବାର ରାତିରେ ଜମାଣ ପର୍ବ ବହୁ ଆଡ଼ମ୍ବରରେ ହୋଇଥିଲା। ବାଜା, ବାଣ ସହ ଘୋଡ଼ାନାଚ, ଷଣ୍ଢନାଚ, ନାଗାନାଚ ଆଦି ବିଭିନ୍ନ ପାରମ୍ପରିକ ଶୋଭାଯାତ୍ରାରେ ଗ୍ରାମର ଆରାଧ୍ୟ ଥାନପତି ଗ୍ରାମେଶ୍ୱର ମହାଦେବ ଓ ଚନ୍ଦ୍ରଶେଖରଙ୍କ ଚଳନ୍ତି ପ୍ରତିମାକୁ ଦୋଳ ବିମାନରେ ଗ୍ରାମ ପରିକ୍ରମା କରାଯାଇ ମେଳଣ ପଡ଼ିଆକୁ ନିଆଯାଇଥିଲା। ସେଠାରେ ଥାନପତି ଆଖପାଖ ୧୫ ଖଣ୍ଡ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥି ଚଳନ୍ତି ପ୍ରତିମାଙ୍କୁ ସ୍ୱାଗତ କରିଥିଲେ। ଦୁଇଦିନ ଧରି ମେଳଣ ପଡ଼ିଆରେ ଅପେରା ପରିବେଷଣ ହୋଇଥିଲା। ଜମାଣ ଓ ହରିହର ଭେଟ ବେଳେ ମେଳଣ ପଡ଼ିଆରେ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା। ଫଗୁଖେଳରେ ଭକ୍ତ ଓ ଭଗବାନ୍ ଏକାକାର ହୋଇଯାଇଥିଲେ। ପରେ ଅତିଥି ଠାକୁରମାନେ ଥାନପତିଙ୍କଠାରୁ ମେଲାଣି ନେଇ ପ୍ରତ୍ୟାବର୍ତ୍ତନ କରିଥିଲେ।



ମେଳଣରେ ଏକାଠି ହୋଇଥିବା ବିଭିନ୍ନ ଅଞ୍ଚଳର ଠାକୁର।

## ମାଲୁଦ ପଞ୍ଚୁଦୋଳ : ଏକାଠି ହେଲେ ୨୩ ଠାକୁର

କୃଷ୍ଣପ୍ରସାଦ,୩୧।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଆରମ୍ଭ ହୋଇଯାଇଛି। ୨୪ ମୌଜା ପରିଚାଳନା କମିଟି ଦ୍ୱାରା ଯାତ୍ରା ପରିଚାଳିତ ହେବା ସହ ମାଲୁଦ ଦଧିବାମନ ଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥା'ନ୍ତି। ମେଳଣ ପଡ଼ିଆରେ ମୋଟ୍ ୨୩ ଠାକୁର ଏକତ୍ରିତ ହୋଇଛନ୍ତି। ସମସ୍ତ ଠାକୁର ସୁସଜ୍ଜିତ ବିମାନରେ ଆତସବାଜି, ପାଇକ, ବାଘନାଚ, ଆଦିବାସୀ ବାଦ୍ୟ, ଉତ୍ତର ପ୍ରଦେଶର ବାଦ୍ୟ, ଶ୍ରଦ୍ଧାଳୁଙ୍କ ନୃତ୍ୟର ତାଳେ ତାଳେ ପଡ଼ିଆରେ ପହଞ୍ଚି ନିଜ ନିଜ ଆସନ ଗ୍ରହଣ କରିଥିଲେ। ଏଠାରେ ଠାକୁରଙ୍କୁ ୩ ଦିନ ଧରି ଭୋଗ ଅର୍ପଣ କରାଯାଏ। ଏହି ମେଳଣ ଦେଖିବା ପାଇଁ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଜିଲାର ବହୁ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। କମିଟି ପକ୍ଷରୁ ମଧ୍ୟ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଛି ବୋଲି ଅନୁଷ୍ଠାନର ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।



ମେଳଣ ପଡ଼ିଆରେ ଦୋଳ ବିମାନ।

# 'ପାଠ ପଢ଼ି ଭଲ ମଣିଷ ହୁଅନ୍ତୁ ଛାତ୍ରୀଛାତ୍ର'




ଡିଏଭି ସ୍କୁଲର ୧୧ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ନିରାକାରପୁର,୩୧।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ଡିଏଭି ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ଦାୟିତ୍ୱ ରହିଛି। ମୁଖ୍ୟବକ୍ତାଭାବେ ଶିଶୁ ସାହିତ୍ୟିକ ହିମାଂଶୁ ଶେଖର ଫତେସିଂ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଶିଶୁ ସାହିତ୍ୟିକ ଦେବଦତ୍ତ, ଅଧ୍ୟାପକ ଛବିରାମ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଭୋଳ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜସ୍ମିନ୍ ଚମ୍ପତିରାୟ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟକ 'ଭ୍ରଷ୍ଟାଚାର' ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ ହରେକୃଷ୍ଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବାଲୁଗାଁ,୩୧।୩ (ସଂଗ୍ରାମ ପାଇକରାୟ)

ଚିଲିକା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଚାଷଙ୍ଗରାସ୍ଥିତ ଭାଲେରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କବିରାଜ ପ୍ରଧାନ ଏବଂ କିରାଣି ବସନ୍ତ କୁମାର ବାହୁବଳେନ୍ଦ୍ର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶଙ୍କର୍ଷଣ ସାହୁଙ୍କ ଆବାହକତ୍ୱରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଚିଲିକା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳାଦ୍ରି ଭୂଷଣ ଦାଶ, ମୁଖ୍ୟବକ୍ତାଭାବେ ଖୋର୍ଦ୍ଧା ଜିଲା ମାଧ୍ୟମିକ ଶିକ୍ଷକ ସଂଘର ସଭ୍ୟ ପ୍ରମୋଦ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ଉନ୍ନତ ପରିଷଦର ସଭାପତି ମହେନ୍ଦ୍ର ନରେନ୍ଦ୍ରସିଂହ ବର୍ମା, ଚିଲିକା ବ୍ଲକ ମାଧ୍ୟମିକ ଶିକ୍ଷକ ସଂଘ ସମ୍ପାଦକ କୁନା ମହନ୍ତ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତ୍ରିନାଥ ସାହୁ, ଶିକ୍ଷକ ଗୌରାଙ୍ଗ ଚରଣ ବିଶ୍ୱାଳ ଏବଂ ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଗୋପୀନାଥ ପ୍ରଧାନ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ଶିକ୍ଷକ ବିଶ୍ୱଜିତ୍ ମହାରଣା ଧନ୍ୟବାଦ ଦେଇଥିଲେ।

## ଦଣ୍ଡ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ



କଳାପଥର,୩୧।୩(ଗଙ୍ଗାଧର ସାହୁ)

ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମରେ ମା'କାଳିକା ଠାକୁରାଣୀଙ୍କ ଚୈତ୍ର ପର୍ବ ଦଣ୍ଡ ମେଳଣ ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହି ପର୍ବରେ ସୁସଜ୍ଜିତ ବେତରେ ଫୁଲମାଳ ଓ ଛିଟ କନା ଲଗାଯାଇ ଦୈନିକ ସନ୍ଧ୍ୟାରେ ଗ୍ରାମ ପୋଖରୀରେ ଦଣ୍ଡୁଆ ଗାଧୋଇବା ପରେ ଝୁଣାରେ ଦଣ୍ଡ କଳସ ମାଜଣା ଓ ଅଗ୍ନି ସଂଯୋଗ କରାଯାଇ ଗ୍ରାମ ପରିଭ୍ରମଣ କରାଯାଏ। ମାନସିକଧାରୀଙ୍କ ଦୁଆରେ ଠାକୁର ଭୋଗ ଖାଇଥାନ୍ତି। ଠାକୁରଙ୍କ ଉପସ୍ଥିତିରେ ପ୍ରତ୍ୟହ ରାତ୍ରରେ ଦଣ୍ଡ ନାଚ ହୁଏ। ଚଢ଼େୟ, ସୁଆଙ୍ଗ, ପରଭା, କୋଲିବିକା, ବାବଜି, ସକ୍ଷୀ ନାଚ ସହ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥାଏ। ଗ୍ରାମର ଯୁବଗୋଷ୍ଠୀ, ମହିଳା ଓ ମାନସିକଧାରୀମାନେ ଭାଗ ନେଇଥାନ୍ତି। ଦଣ୍ଡୁଆ ଭାବେ ରଞ୍ଜନ ବେହେରା, ବୈକୁଣ୍ଠ ପ୍ରଧାନ, ନାରାୟଣ ସାହୁ, କୁନ ବେହେରା, ବିଶ୍ୱନାଥ ବେହେରା ଆଦି ସାମିଲ ହୋଇଛନ୍ତି।୧୫ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ହୋଇଥାଏ। ଗ୍ରାମର ପରିଚାଳନା କମିଟି ସଭାପତି ଫକୀର ଚରଣ ପ୍ରଧାନ, ଧ୍ରୁବ ଚରଣ ମହାପାତ୍ର, ଭାଗୀରଥି ଦାଶ, ପୂଜକ ବଳରାମ ମହାପାତ୍ର, ପଟଭାଗତା ସର୍ବେଶ୍ୱର ମହାପାତ୍ର, ଦାଶରଥି ସାହୁ, ରାଜ କିଶୋର ବେହେରା, ଚନ୍ଦ୍ରକାନ୍ତ ପ୍ରଧାନ, ଦୁଃଖୀଶ୍ୟାମ ମହାପତ୍ର ପ୍ରମୁଖଙ୍କ ସହଯୋଗରେ ଏହି ପର୍ବ ପାଳନ କରାଯାଇଥାଏ।

# ଆମ ପୁସ୍ତକ ମେଳା ଉଦ୍‌ଘାଟିତ




ଆମ ପୁସ୍ତକ ମେଳା ଉଦ୍‌ଘାଟନୀ ଅବସରରେ ମଞ୍ଚାସୀ ଅତିଥି।

କୃଷ୍ଣପ୍ରସାଦ,୩୧।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚୁଦୋଳ ପଡ଼ିଆରେ ୫ମ ଆମ ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ୨୪ ମୌଜା ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଦୀପକ କୁମାର ଜେନା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ହରେକୃଷ୍ଣ ଜେନା, ସମ୍ମାନିତ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ସାମାଜିକ କର୍ମୀ ଉମାକାନ୍ତ ଜେନା, ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଉଲ୍ଲାସ ଚନ୍ଦ୍ର ଜେନା, ଜ୍ଞାନପ୍ରଭା ସମ୍ପାଦକ ସଦାନନ୍ଦ ଗୌଡ଼ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ପୁସ୍ତକ ମେଳାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ବିଷ୍ଣୁପ୍ରସାଦ ଦଳେଇ, ଲଳିତ କୁମାର ସ୍ୱାଇଁ, ବନ ବିହାରୀ ପଟ୍ଟନାୟକ ପ୍ରମୁଖ ସଭା ପରିଚାଳନା କରିଥିଲେ। ବିଭିନ୍ନ ସ୍ଥାନରୁ ବହୁ ପୁସ୍ତକ ପ୍ରକାଶକ, ବହି ଦୋକାନୀ ବିଭିନ୍ନ ପ୍ରକାର ବହିକୁ ଷ୍ଟଲ୍‌ରେ ରଖିଛନ୍ତି। ଏହି ପୁସ୍ତକ ମେଳାରେ ସ୍ୱତନ୍ତ୍ର ପୁସ୍ତକ 'ଜ୍ଞାନପ୍ରଭା'କୁ ଉନ୍ମୋଚନ କରାଯାଇଛି।

# ସ୍ମାଇଲ ଇଲେଭେନ, ମହାବୀର ୱାରିଅର ବିଜୟୀ

**ବୋଲଗଡ଼ ପ୍ରିମିୟର ଲିଗ୍**

ବୋଲଗଡ଼,୩୧।୩(ଦେବବ୍ରତ ହୋତା)

ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ୍(ବିପିଏଲ୍) ଦଶମ ସଂସ୍କରଣର ରବିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ରିୟଲ ଫାଇଟର ଓ ସ୍ମାଇଲ ଇଲେଭେନ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ରିୟଲ ଫାଇଟର ପ୍ରଥମେ ବ୍ୟାଟିଂ କରି ୯.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୮ ରନ୍ ସଂଗ୍ରହ କରିଥିଲା। ଜବାବରେ ସ୍ମାଇଲ ଏଲେଭେନ ୭.୫ ଓଭରରେ ୫ ଉଇକେଟ ହରାଇ ୫୯ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ବିଜୟୀ ଟିମ୍‌ର ଚୁନିଆ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରିଙ୍କୁ ଓ ଶିଶିର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ମହାବୀର ୱାରିଅର ଓ ଆର୍ମି ଇଲେଭେନ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଆର୍ମି ଇଲେଭେନ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ବିନିମୟରେ ୯୦ ରନ୍ ସଂଗ୍ରହ କରିଥିଲା। ଜବାବରେ ମହାବୀର ୱାରିଅର ୯.୩ ଓଭରରେ ୫ ଉଇକେଟ ହରାଇ ୯୧ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ବାପି ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରିଙ୍କୁ ଓ ଛମ୍ମା ମ୍ୟାଚ୍ ପରିଚାଳନା କରିଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡ୍ଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାଚ୍‌ରେ ଯୋଗଦେଇଥିବା ଖେଳାଳିମାନେ।

# ଆଜି ଓଡ଼ିଶା ଦିବସ: ବିଭିନ୍ନ ରଙ୍ଗର ଆଲୋକରେ ରଙ୍ଗାୟିତ ରାଜଧାନୀର ସରକାରୀ ଭବନ


ବିଧାନସଭା


ଖାରବେଳ ଭବନ


ଲୋକସମ୍ପର୍କ ଭବନ


କମିଶନରେଟ୍ ପୋଲିସ


ଜୟଦେବ ଭବନ


ଏଜି ଅଫିସ


ରବୀନ୍ଦ୍ର ମଣ୍ଡପ

**ସଂକ୍ଷେପରେ**

## ଏମ୍‌ସିସିରେ ସ୍ୱଚ୍ଛସାଥୀଙ୍କ ହାତ କଟିଲା

ଭୁବନେଶ୍ୱର, ୩୧।୩(ବନ୍ଦନା ସେଠୀ)

ୱାର୍ଡ ନଂ.୬୦ ଅନ୍ତର୍ଗତ ସୁନ୍ଦରପଦାଠାରେ ଥିବା ବିଏମ୍‌ସିର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)ରେ କାମ କରୁଥିବାବେଳେ ଜଣେ ସ୍ୱଚ୍ଛସାଥୀଙ୍କ ହାତ କଟିଯାଇଛି। ଗୁରୁତର ଥିବାରୁ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ରବିବାର ମହିଳା ସ୍ୱଚ୍ଛସାଥୀ ପୂଜା ସମ୍ପୃକ୍ତ ଏମ୍‌ସିସିରେ କାମ କରୁଥିଲେ। ଏହି ସମୟରେ ଏମ୍‌ସିସିର ପ୍ରେସର କଟିଙ୍ଗ୍ ମେଶିନ୍‌ରେ କିଛି ଅଳିଆ ଫସି ରହିଯାଇଥିଲା। ମେଶିନ୍‌ର ସୁଇଚ୍ ବନ୍ଦ କରି ଅଳିଆକୁ ହାତରେ କାଢୁଥିଲେ। ମାତ୍ର ଏହି ସମୟରେ କେହି ଭୁଲ୍‌ବଶତଃ ମେଶିନ୍‌ର ସ୍ୱିଚ୍ ଅନ୍ କରିଦେଇଥିଲେ। ଫଳରେ ପୂଜାଙ୍କ ବାମହାତ କଟିଯାଇଛି। ଏ ନେଇ ସ୍ୱଚ୍ଛସାଥୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହ କାହାର ଭୁଲ୍ ପାଇଁ ଏଭଳି ଅଘଟଣ ଘଟିଲା ତା'ର ତଦନ୍ତ ପାଇଁ ଦାବି ହୋଇଛି।

## ହଟିପାରୁନି ରାଜନୈତିକ ପୋଷ୍ଟର

ଭୁବନେଶ୍ୱର, ୩୧।୩ (ବନ୍ଦନା ସେଠୀ)



ନିର୍ବାଚନ ଆଚରଣବିଧି ଲାଗୁ ହେବାପରେ ବିଏମ୍‌ସି ଅଞ୍ଚଳରୁ ସମସ୍ତ ରାଜନୈତିକ ଦଳର ପୋଷ୍ଟର ହଟାଇବା ସହ କାନ୍ଥଲେଖାକୁ ଲିଭାଇବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଚିଠି ଲେଖିଥିଲେ। ଏହାପରେ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବିଭିନ୍ନ ହୋର୍ଡିଂ ହଟାଯିବା ସହ ଆଉ କେତେକକୁ କଳା କିମ୍ବା ଧଳା କପଡ଼ାରେ ଘୋଡ଼ାଯାଇଥିଲା। ସହରରେ ଲାଗିଥିବା ସମସ୍ତ ହୋର୍ଡିଂକୁ ତୁରନ୍ତ ହଟାଯିବ ବୋଲି ମଧ୍ୟ ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ମାତ୍ର ଆଚରଣ ବିଧି ଲାଗୁ ହେବାର ୧୫ଦିନ ପରେ ବି ସହରର ଅନେକ ସ୍ଥାନରେ ଦଳୀୟ ପୋଷ୍ଟର, ହୋର୍ଡିଂ ଲାଗିଛି। ଅପରପକ୍ଷେ କେତେକ ହାତଗଣତି ପୋଷ୍ଟରକୁ ହଟାଇ ଦେଇ ବିଏମ୍‌ସି ଚୁପ୍ ବସିଯାଇଛି।

ଜାଗା ମିଶନ୍ ଠାରୁ ଆରମ୍ଭ କରି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଏବଂ ଅନ୍ୟାନ୍ୟ ହୋର୍ଡିଂ ପୂର୍ବଭଳି ରହିଛି। ସହର ମଝିରେ ଆହୁରି ଅନେକ ଦଳୀୟ ପୋଷ୍ଟର, ହୋର୍ଡିଂ ଲାଗିଥିଲେ ମଧ୍ୟ ସେ ସବୁ ବିଏମ୍‌ସିକୁ ଦେଖାଯାଉନି। ଏପରିକି ଗୋଟିଏ ହୋର୍ଡିଂକୁ ଲୁଚାଯାଇଥିଲେ ବି ତା' ପାଖରେ ଥିବା ଅନ୍ୟ ହୋର୍ଡିଂ ଖୋଲା ରହିଛି। ମଞ୍ଚେଶ୍ୱର ଅଞ୍ଚଳର ଅନେକ ସ୍ଥାନରେ ହୋର୍ଡିଂ ଖୋଲା ଭାବେ ଥିବା ପରିଲକ୍ଷିତ ହୋଇଛି। କେବଳ ଏହି ଗୋଟିଏ ଅଞ୍ଚଳ ନୁହେଁ, ସହରର ବିଭିନ୍ନ ସ୍ଥାନରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। କାନ୍ଥବାଡ଼ରେ ଥିବା ଲେଖାକୁ ମଧ୍ୟ ଲିଭାଯାଇନାହିଁ, ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ସେହିପରି କାନ୍ଥବାଡ଼, ପୋଲ, ଗଛ ଆଦି ସର୍ବସାଧାରଣ ସ୍ଥାନରେ ପୋଷ୍ଟର, ବିଜ୍ଞାପନ ମାରିଲେ ବିଏମ୍‌ସି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏଯାବତ୍ ୫୦ରୁ ଊର୍ଦ୍ଧ୍ୱ ସଂସ୍ଥା ନାମରେ ଥାନାରେ ଏତଲା ଦେବା ସହ ୧ଶହରୁ ଊର୍ଦ୍ଧ୍ୱ ସଂସ୍ଥାଙ୍କୁ ନୋଟିସ୍ କରିଛି। ଏହାବାଦ୍ ଅନେକଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରିଛି। ତେବେ ବାର୍ କାଉନ୍‌ସିଲ୍ ନିର୍ବାଚନ ପାଇଁ କୋର୍ଟ ନିକଟରୁ ଭଞ୍ଜକଳା ମଣ୍ଡପ ପର୍ଯ୍ୟନ୍ତ ରାସ୍ତା ମଝିରେ ଥିବା ବ୍ୟାରିକେଡ୍‌ରେ ମାଳମାଳ ପୋଷ୍ଟର ଲାଗିଥିଲେ ବି ବିଏମ୍‌ସିକୁ ଦିଶୁନି। ସେହିପରି ଅନେକ ସ୍ଥାନରେ ଗଛରେ କଣ୍ଟା ବାଡ଼େଇ ନୋ ପାର୍କିଂ ବୋଲି ଲେଖାଯାଇଛି। ୨ବର୍ଷ ତଳୁ କାନ୍ଥବାଡ଼ରେ ପୋଷ୍ଟର ନ ଲଗାଇବା ପାଇଁ ବିଏମ୍‌ସି ଯେଉଁ ଘୋଷଣା କରିଥିଲା, ତାହା ଏବେ ଫମ୍ପା ମାଠିଆର ଶବ୍ଦ ଭଳି ପରିଣତ ହୋଇଛି।

## ପାଞ୍ଚ ଠାକୁରଙ୍କ ଗ୍ରାମ ପରିକ୍ରମା ; ରୋଶଣିରେ କମ୍ପିଲା ଗାଁ

ବାରଙ୍ଗ,୩୧।୩(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗ୍ରାମର ଇଷ୍ଟଦେବ ପ୍ରଭୁ ପରମେଶ୍ୱରଙ୍କ ପଞ୍ଚଦୋଳ ମହୋତ୍ସବ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରି ରବିବାର ବଡ଼ିଭୋର ସମୟରେ ସରିଛି। ପରମ୍ପରା ଅନୁଯାୟୀ ଏହା ୫ଦିନ ଧରି ଚାଲିବାକୁ ଥିବାବେଳେ ପ୍ରଥମ ଦିନ ପ୍ରଭୁ ପରମେଶ୍ୱରଙ୍କ ପାଖରେ ପ୍ରସ୍ତୁତ ହୋଇଥିବା ପଣାହାଣ୍ଡିକୁ ୭ ସାହିରୁ ଆସିଥିବା ଘୋଡ଼ା, ବୃଷଭ, ନାଗାଥାଟ, ରାଜାରାଣୀ କଣ୍ଢେଇଙ୍କୁ ଦିଆଯାଇଥାଏ। ଏହାପରେ ପ୍ରଭୁ ପରମେଶ୍ୱର ସୁଶୋଭିତ ବିମାନରେ ଗ୍ରାମ ପରିକ୍ରମାରେ ବାହାରିଥାନ୍ତି। ପରମେଶ୍ୱରଙ୍କ ନିମନ୍ତ୍ରଣ ପାଇ ଆସିଥିବା ନୂଆ ଠାକୁର (ରାଧାକୃଷ୍ଣ) ଚନ୍ଦ୍ରଶେଖରଦେବ, ଗୋପାଳଜୀଉ ଦେବ ଓ କଣ୍ଟାବାଡ଼ ଗୋପୀନାଥଦେବ ଏହି ଯାତ୍ରାରେ ସାମିଲ ହୋଇଥାନ୍ତି। ଚଳିତବର୍ଷର ମେଳଣକୁ ଆକର୍ଷଣୀୟ କରିବାକୁ ପ୍ରଧାନ ସାହିର ସୁସଜ୍ଜିତ ଘୋଡ଼ା, ତଳସାହିର ବୃଷଭ, ନୂଆଗଡ଼ ସାହିର ବୃଷଭ, ଜେଠୀ ସାହିର ବୃଷଭ, ବାହୁବଳେନ୍ଦ୍ର ସାହିର ରାଜାରାଣୀ କଣ୍ଢେଇ, ପାଟଣାସାହିର ବୃଷଭ ଓ ମଠସାହିର ନାଗାଥାଟ ନେଇ ଗ୍ରାମ ପରିକ୍ରମା କରିଥାନ୍ତି। ଠାକୁରଙ୍କୁ ସାଙ୍ଗରେ ଧରି ପ୍ରତ୍ୟେକ ସାହି ପକ୍ଷରୁ ବିଭିନ୍ନ ଆତସବାଜି, ଘୁମୁରା ନାଚ, ସିଂଘ ବାଜା, ପଞ୍ଜାବୀ ଢୋଲ, ତାଳମୂଳି, ରଙ୍ଗବାଜା, ମଣିପୁରୀ, ଗୁଜରାତି, ସମ୍ବଲପୁରୀ, ଯୋଡିଶଙ୍ଖ, ଗୋଟିପୁଅ, ହଳଦୀକାଠ ବାଦ୍ୟ ଆଦି ସାମିଲ ହୋଇଥିଲା। ରଙ୍ଗବେରଙ୍ଗର ଆଲୋକସଜ୍ଜା ସହ ସାହି ପରିକ୍ରମା ଦୃଶ୍ୟ ବାଜା, ବାଣ, ରୋଶଣି, ନାଚ, ଗୀତରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରାତି ଉଜାଗର ହୋଇ ଆଖପାଖର ଗ୍ରାମବାସୀ ମେଳଣକୁ ଦେଖିଥିଲେ। ଗ୍ରାମ ପରିକ୍ରମା କରି ଶେଷରେ ପାଞ୍ଚ ଠାକୁର ମେଳଣ ପଡ଼ିଆସ୍ଥିତ ଗାଦିରେ ବସିଥିଲେ।

## ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ ପାଳିତ



ପୁରୁଣା ଭୁବନେଶ୍ୱର,୩୧।୩
(ସୁବାସ ଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗୀ ଉନ୍ନୟନ ପରିଷଦ ସଭାଗୃହରେ ଶନିବାର ସନ୍ଧ୍ୟାରେ 'ଧରିତ୍ରୀ'ର ପୂର୍ବତନ ପ୍ରକାଶକ ସ୍ୱର୍ଗତ ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ୱର୍ଗତ ମିଶ୍ରଙ୍କ ନାତି ଦେବ କୁମାର ମିଶ୍ର ଏକ କବିତା ଗାନ କରିଥିଲେ। ଏହି ସଭାରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କାଶୀନାଥ ସାହୁ ସଭାପତିତ୍ୱ କରିଥିଲେ। ସ୍ଥାନୀୟ କର୍ପୋରେଟର ଶିବନାରାୟଣ ରାୟ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କୃଷ୍ଣଚନ୍ଦ୍ର ବକ୍ସି ଓ ଲକ୍ଷ୍ମୀଧର ପଣ୍ଡା, ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ଉପସଭାପତି ପଦ୍ମନାଭ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଚିତ୍ରସେନ ବିଶୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବତ୍ରିଶ ସିଂହାସନ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗଣେଶ କୁମାର ପ୍ରଧାନ, ସ୍ଥାନୀୟ 'ସହଯୋଗ' ଅନୁଷ୍ଠାନର ପୂର୍ବତନ ସଭାପତି ବିଶ୍ୱନାଥ ବେହେରା ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଉପସଭାପତି ଧନ୍ୟବାଦ ଦେଇଥିଲେ।

## କାର୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ ଘଟଣା, ଜେଲ ଗଲେ ଚାଳକ

ଭୁବନେଶ୍ୱର,୩୧।୩
(ସୂର୍ଯ୍ୟକାନ୍ତ ବେହେରା)

ଶହୀଦନଗର ଥାନା ଅନ୍ତର୍ଗତ ପଣ୍ଡା ପାର୍କ ନିକଟ ରାସ୍ତାରେ ଏକ କାର୍ ଧକ୍କାରେ ଯାଜପୁର ଜିଲା ବିଞ୍ଝାରପୁର ସୁନାପାଳ ଅଞ୍ଚଳର ଶ୍ରମିକ ଦିଲୀପ ପରିଡ଼ାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ପୋଲିସ ଅଭିଯୁକ୍ତ କାର୍ ଚାଳକଙ୍କୁ ଗିରଫ କରିବା ପରେ ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଜପତି ରଞ୍ଜନ ପାଇକ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ସମ୍ପୃକ୍ତ ଦାମୀ କାର୍‌କୁ ପୋଲିସ ଜବତ କରିଛି।

ସୂଚନାନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଦିଲୀପ ଚାଲି ଚାଲି ଯାଉଥିବାବେଳେ ଓଡି ୩୩ ଏକ୬୮୮୮ ନମ୍ବର ବିଶିଷ୍ଟ ଉକ୍ତ କାର୍ ପଛ ପଟୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଦିଲୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ନୃତ୍ୟଭୂମି କଲ୍‌ଚରାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

### ୭୦ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍କଳ ଶିଶୁ ପ୍ରତିଭା ଅନ୍ୱେଷଣ ପୁରସ୍କାର



ଭୁବନେଶ୍ୱର, ୩୧।୩ (ବନ୍ଦନା ସେଠୀ)

ନୃତ୍ୟଭୂମି କଲ୍‌ଚରାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ଉତ୍କଳ ଶିଶୁ ପ୍ରତିଭା ଅନ୍ୱେଷଣ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପ୍ରଶାନ୍ତି ବିହାରସ୍ଥିତ ଦୁର୍ଗାମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ କହିଲେ, ଆମ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଏତେ ସୁନ୍ଦର ଯେ ତାହା ଭାଷାରେ ପ୍ରକାଶ କରିହେବ ନାହିଁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରୁ ଆରମ୍ଭ ହୋଇଥିବା ଏହି ସଂସ୍କୃତି ଓ ପରମ୍ପରା ସାରା ବିଶ୍ୱରେ ଆଦର ଲାଭ କରିଛି। ଓଡ଼ିଆ ସଂସ୍କୃତି ଓ ପରମ୍ପରା ସବୁବେଳେ ଉଜ୍ଜୀବିତ ରହୁ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ୱାର୍ଡ ନଂ.୧୧ର କର୍ପୋରେଟର ମିହିର କୁମାର ରାଉତ ଓ ଶିକ୍ଷାବିତ୍ ବିଷ୍ଣୁ ଚରଣ ସୂତାର ଯୋଗଦେଇ ଓଡ଼ିଆ ଦିବସର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ୭୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ 'ଉତ୍କଳ ଶିଶୁ ପ୍ରତିଭା ଅନ୍ୱେଷଣ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ୧୦୦ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ନୃତ୍ୟଭୂମିର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଟ୍ରଷ୍ଟର ମୁଖ୍ୟ ସସ୍ମିତା ରାଣୀ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଦି କ୍ଲବର ସଭାପତି ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାନ୍ତି ବିହାରର ସମସ୍ତ ସଂଗଠନର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

## ତୃତୀୟ ସୁଶୀଲ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାରଙ୍ଗ,୩୧।୩(ଲିଙ୍ଗରାଜ ରାଉତ)

ମହାବୀର କ୍ରିକେଟ୍ କ୍ଲବ ଇଞ୍ଚୋଣା ଆନୁକୂଲ୍ୟରେ ତୃତୀୟ ସୁଶୀଲ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୨୪ଟି ଦଳ ଭାଗ ନେଇଥିଲେ। ପ୍ରଥମ ମ୍ୟାଚ୍‌ରେ ପିଣ୍ଡିକ ୟୁଥ୍ କ୍ଲବ, ଦାରୁଠେଙ୍ଗକୁ ପରାସ୍ତ କରି ଦାଢ଼ାପାଟଣା କ୍ରିକେଟ କ୍ଲବ ବିଜୟୀ ହୋଇଛି। ଦାଢ଼ାପାଟଣା କ୍ରିକେଟ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୨୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଦାରୁଠେଙ୍ଗ ୧୮୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସୁରେଶ ରାଉତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ କୁଅଁର, ସୁବ୍ରତ ଦାସ, ପ୍ରଦୀପ ଦାସଙ୍କ ସମେତ ଗ୍ରାମର ମୁରବିମାନେ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟକୁ ମହାବୀର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ସ୍ୱତନ୍ତ୍ର ବୈଠକ

ଭୁବନେଶ୍ୱର,୩୧।୩ (ଶର୍ମିଷ୍ଠା ପାଣିଗ୍ରାହୀ)

ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ସ୍ୱତନ୍ତ୍ର ବୈଠକ ପୁରୁଣା ଭୁବନେଶ୍ୱରର ରାଧାକାନ୍ତ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାନର ସଭାପତି ଦିଲ୍ଲୀପ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ପ୍ରତିଷ୍ଠାନର ମହାସଚିବ ଡ. ଭାସ୍କର ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଧାକାନ୍ତ ମଠ ମହନ୍ତ ରାମକୃଷ୍ଣ ଦାସ ଓ ବୃନ୍ଦାବନ ଶାଖା ମୁଖ୍ୟ ପରିଚାଳକ ଜଗନ୍ନାଥାନନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ପୁରୀରେ ଥିବା ପ୍ରତିଷ୍ଠାନର ଶ୍ରୀଜଗନ୍ନାଥ ମ୍ୟୁଜିୟମ୍ ଓ ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସମ୍ପର୍କରେ କାର୍ଯ୍ୟକାରୀ ସଭାପତି ଗୁରୁକଲ୍ୟାଣ ମହାପାତ୍ର, ଇନ୍ଦ୍ରମଣି ଜେନା, ଡ. ରବିଶଙ୍କର ମିଶ୍ର, ମନୋଜ ରଥ, ବିଜୟ ମହାନ୍ତି, ଧୀରେନ ରଥ, ନନ୍ଦକିଶୋର, ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ରାଜଧାନୀ ଓକିଲ ସଂଘର ଯୁଗ୍ମସମ୍ପାଦକ ହେଲେ ଅସ୍ତରଙ୍ଗର ଅନ୍ତର୍ଯ୍ୟାମୀ

ଅସ୍ତରଙ୍ଗ,୩୧।୩(ମମତା ଜେନା):

ଅସ୍ତରଙ୍ଗ ବ୍ଲକ ଜିଉନ୍ତି ଗ୍ରାମ ଉକୁଳେଇସ୍ଥିତ ରଷିକେଶ ବିଶ୍ୱାଳଙ୍କ ପୁତ୍ର ଅନ୍ତର୍ଯ୍ୟାମୀ ବିଶ୍ୱାଳ ରାଜଧାନୀ ଭୁବନେଶ୍ୱର ଓକିଲ ସଂଘର ଚଳିତବର୍ଷ ନିର୍ବାଚନରେ ଯୁଗ୍ମସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସୂଚନା ମୁତାବକ ବିଶ୍ୱାଳ ୧୫ବର୍ଷ ପାଖାପାଖି ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ହୋଇ ଓଡ଼ିଶା ହାଇକୋର୍ଟ ଓ ରାଜଧାନୀ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆପରାଧିକ ଶାଖାରେ ଆଇନଜୀବୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ପୂର୍ବରୁ ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ୨ ଥର ନିର୍ବାଚିତ ହୋଇ ନିଜର କାର୍ଯ୍ୟଦକ୍ଷତାର ପରିଚୟ ଦେଇଥିଲେ। ବିଶ୍ୱାଳ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୪୩୭ ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଛନ୍ତି। ଓକିଲଙ୍କ ପ୍ରତ୍ୟେକ ନ୍ୟାଯ୍ୟ ଦାବି ପାଇଁ ଲଢ଼ିବା ଓ ସର୍ବସାଧାରଣଙ୍କୁ ଆଇନଗତ ସେବା ନିଃସ୍ୱାର୍ଥପର ଭାବେ ଯୋଗାଇଦେବାକୁ ସର୍ବଦା ଯତ୍ନଶୀଳ ହେବେ ବୋଲି ବିଶ୍ୱାଳ ମତାମତ ଦେଇଛନ୍ତି।

### ୨ ବାଇକ୍ ମୁହାଁମୁହିଁ, ନାବାଳିକା ଆହତ

ଯୋଗେଶ୍ୱରପୁର,୩୧।୩ (ରଶ୍ମିରଞ୍ଜନ ସାହୁ):

ନୟାହାଟ ଫାଣ୍ଡି ଅଧୀନ କଦମ୍ବପାଟଣାଠାରେ ରବିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ନାବାଳିକା ଶୀତଲ ଦଳାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଡାହାଣ ପଟ ଗୋଡ଼ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ତାଙ୍କୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଧକ୍କା ଦେଇଥିବା ବାଇକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ତେବେ ପୋଦନା ଗ୍ରାମର ଭଉଣୀ ଭାଇ ଏକ ବାଇକ୍‌ରେ ନୟାହାଟକୁ ଆସୁଥିବାବେଳେ ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା।

### ନାହିଁ ବିଶ୍ରାମ ଗୃହ, ଯାତ୍ରୀ ହନ୍ତସନ୍ତ

ଯୋଗେଶ୍ୱରପୁର,୩୧।୩ (ରଶ୍ମିରଞ୍ଜନ ସାହୁ):

ସାରା ରାଜ୍ୟରେ ବର୍ତ୍ତମାନ ପାରଦ ଉପରମୁହାଁ ହେଲାଣି। ରୌଦ୍ରତାପରୁ ରକ୍ଷା ପାଇବାକୁ ବିଭିନ୍ନ ସ୍ଥାନରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ଯାତ୍ରୀ ନିବାସ ରହିଛି। ତେବେ ପୁରୀ ଜିଲା ନୟାହାଟ ଅଞ୍ଚଳରେ କୌଣସି ଯାତ୍ରୀ ବିଶ୍ରାମ ଗୃହ ନ ଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ନୟାହାଟ ବଜାର ଉପରେ ୩ଟି ଜିଲା ତଥା ଜଗତ୍‌ସିଂହପୁର, କଟକ ଓ ପୁରୀର ବିଭିନ୍ନ ବ୍ୟବସାୟୀ ବ୍ୟବସାୟ କରିଥାନ୍ତି। ଏହି ବଜାରରେ ଯାତ୍ରୀ ବିଶ୍ରାମ ଗୃହ ନ ଥିବାରୁ ବିଭିନ୍ନ ସ୍ଥାନରୁ ଆସୁଥିବା ଯାତ୍ରୀମାନଙ୍କୁ ପ୍ରଚଣ୍ଡ ରୌଦ୍ରତାପରେ ଠିଆ ହେବାକୁ ପଡୁଛି। ଫଳରେ ଯାତ୍ରୀ ଓ ବ୍ୟବସାୟୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଓ ପୁରୀ ଜିଲାପାଳ, ୫-ଟି ଅଧକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମତଦାନ କରିବେ ୧୮, ୬୮୩ ଦିବ୍ୟାଙ୍ଗ

ପୁରୀ,୩୧।୩(ଅଜିତ୍ ମହାନ୍ତି):

ଭାରତର ଗଣତନ୍ତ୍ର ବିଶ୍ୱରେ ସର୍ବବୃହତ୍। ଆଉ ମତଦାନ ହେଲା ଗଣତନ୍ତ୍ରର ମହାପର୍ବ। ସବୁ ବର୍ଗର ମତଦାତା ଯେପରି ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିପାରିବେ, ସେଥିପାଇଁ ଭାରତର ନିର୍ବାଚନ କମିଶନର ଗୁରୁତ୍ୱ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଦିବ୍ୟାଙ୍ଗ ମତଦାତାଙ୍କ ମତଦାନ ହାର ବୃଦ୍ଧି ସମ୍ପର୍କରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିବ୍ୟାଙ୍ଗ ମତଦାତାଙ୍କ ମତଦାନ ପ୍ରକ୍ରିୟାକୁ ସହଜ ଓ ସୁଗମ କରିବା ସହ ସେମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ସେ ନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ଦିବ୍ୟାଙ୍ଗଙ୍କୁ ଘରୁ ମତଦାନ କେନ୍ଦ୍ରକୁ ଆଣିବା ଓ ମତଦାନ ପରେ ଘରେ ସ୍ୱତନ୍ତ୍ର ଗାଡ଼ିରେ ନେଇ ଛାଡ଼ିବା ବ୍ୟବସ୍ଥା, ମତଦାନ କେନ୍ଦ୍ରରେ ହ୍ୱିଲ୍ ଚେୟାରର ବନ୍ଦୋବସ୍ତ, ସମସ୍ତ ବୁଥ୍‌ରେ ଅଗ୍ରାଧିକାର ଭିତ୍ତିରେ ଦିବ୍ୟାଙ୍ଗଙ୍କୁ ମତଦାନ ସୁବିଧା, ଦୃଷ୍ଟିବାଧିତ ମତଦାତାଙ୍କ ପାଇଁ ବ୍ରେଲି ଅକ୍ଷରରେ ମୁଦ୍ରିତ ବାଲଟ ପେପର ବ୍ୟବସ୍ଥା, ୪୦%ରୁ ଅଧିକ ପ୍ରତିଶତ ଦିବ୍ୟାଙ୍ଗ ସାର୍ଟିଫିକେଟ ଥିବା କ୍ଷେତ୍ରରେ ଯଦି ସମ୍ପୃକ୍ତ ମତଦାତା ଚାହାନ୍ତି, ତେବେ ଫର୍ମ ୧୨(ଡି) ମାଧ୍ୟମରେ ଆବେଦନ କରି ପୋଷ୍ଟାଲ ବାଲଟ ଜରିଆରେ ମତଦାନ କରିପାରିବେ। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମାର୍ଗଦର୍ଶିକା ଜାରି କରିଥିବାରୁ ଜିଲାରେ ମଧ ଅନୁରୂପ ବ୍ୟବସ୍ଥା କରାଯାଉଛି ବୋଲି ଜିଲାପାଳ ସ୍ୱାଇଁ ସୂଚନା ଦେଇଛନ୍ତି। ଅପରପକ୍ଷେ ସମସ୍ତ ପ୍ରିଜାଇଡିଂ ଓ ପୁଲିଂ ଅଫିସରଙ୍କୁ ଦିବ୍ୟାଙ୍ଗ ମତଦାତାଙ୍କୁ ସହଯୋଗ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଜିଲାରେ ୧୮,୬୮୩ ଜଣ ଦିବ୍ୟାଙ୍ଗ ମତଦାତାଙ୍କ ମଧ୍ୟରୁ ୨,୨୪୧ ଜଣ ଦୃଷ୍ଟିବାଧିତ, ୨,୦୮୫ ଜଣ ଶ୍ରବଣବାଧିତ, ୯,୪୩୭ ଜଣ ଚଳନବାଧିତ ଓ ଅନ୍ୟାନ୍ୟ ୪,୯୨୦ଜଣ ଦିବ୍ୟାଙ୍ଗ ମତଦାତା ଅଛନ୍ତି। ୨୦୧୯ ନିର୍ବାଚନରେ ଦିବ୍ୟାଙ୍ଗ ମତଦାତାଙ୍କ ସଂଖ୍ୟା ୧୦,୧୧୬ ଥିଲା ବୋଲି ନିର୍ବାଚନ କାର୍ଯ୍ୟାଳୟଙ୍କ ପକ୍ଷରୁ ଜଣାପଡ଼ିଛି।



ବିଶ୍ୱ ନାଟ୍ୟଦିବସ ଉଦ୍‌ଯାପନୀ ଉତ୍ସବରେ ଆର୍ଟିଷ୍ଟ ଆସୋସିଏଶନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

# ମନ ମୋହିଲା ନୃତ୍ୟ ସଙ୍ଗୀତ, ଯାଦୁ କଳା

ପୁରୀ, ୩୧।୩(ଅଜିତ୍ ମହାନ୍ତି)

**ଷ୍ଟାର୍ ଇଭିନିଂ କାର୍ଯ୍ୟକ୍ରମ**

ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସର ଅନ୍ତିମ ସନ୍ଧ୍ୟାରେ ଷ୍ଟାର୍ ଇଭିନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ନେତା ସୁନିଲ କୁମାର ମହାନ୍ତି, ଅନୁଷ୍ଠାନର ସଭାପତି ଭରତ ନାୟକ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ସବିତା ହରିଚନ୍ଦନ, ତ୍ରିଲୋଚନ ଦାସ, ସାଧାରଣ ସମ୍ପାଦକ ଶକ୍ତି ପ୍ରସାଦ ମହାନ୍ତି, ବିରଞ୍ଚି ନାରାୟଣ ଷଡଙ୍ଗୀ, ସହସମ୍ପାଦକ ନରସିଂହ ମହାପାତ୍ର, ଭାରତୀ ମହାପାତ୍ର, ଭବାନୀ ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ସମୀର ଆଚାର୍ଯ୍ୟ, ପରିଚାଳନା ସମ୍ପାଦକ ଦେବୀ ପ୍ରସାଦ ମିଶ୍ର, ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ, ଉପଦେଷ୍ଟା କମିଟି ଚକ୍ରଧର ମହାପାତ୍ର, ପ୍ରସନ୍ନ କୁମାର ମିଶ୍ର, କାମାକ୍ଷା ପ୍ରସାଦ ମହାପାତ୍ର,କାର୍ଯ୍ୟକାରୀ ସଭ୍ୟ ଶୁଭସ୍ମିତା ରାଉତରାୟ, କୃପାସିନ୍ଧୁ ଶତପଥୀ, ପ୍ରମୋଦ କୁମାର ପଟ୍ଟନାୟକ, ଅଭ୍ୟୁଦୟ ଦାଶ, ଅନୁପ ପଟ୍ଟନାୟକ, ଗିରିଶ କୁମାର ମିଶ୍ର, ଆଶୁତୋଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଭା ପରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଭାମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଏଥିରେ ମୁଖ୍ୟ ଆକର୍ଷଣ ସାଜିଥିଲେ ଯାଦୁକର ବିଧୁଭୂଷଣ। ତାଙ୍କ ଯାଦୁବିଦ୍ୟାକୁ ଦର୍ଶକମାନେ ବେଶ୍ ଉପଭୋଗ କରିଥିଲେ। ବିଧୁ ଭୂଷଣଙ୍କୁ ଭୋଜ ବିଦ୍ୟା ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମନିଷା ମହାନ୍ତି ଏବଂ ଅମିତ୍ କୁମାର ଚାଟାର୍ଜୀଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ରାମକୃଷ୍ଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ, ସହସମ୍ପାଦିକା ଭାରତୀ ମହାପାତ୍ର, ଉପସଭାପତି ସବିତା ହରିଚନ୍ଦନ ପ୍ରମୁଖ ପରିଚାଳନା କରିଥିଲେ।



ପୁରୀ ସମଙ୍ଗରା ମେଳଣ ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ସେବା ବିକାଶ ପରିଷଦ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଉଚି ।

### ୧୯୮୪ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ସାକ୍ଷୀଗୋପାଳ, ୩୧।୩(ଭରତ ରାଉତ):

ନୂଆ ସୋମଶ୍ୱରପୁର ହାଇସ୍କୁଲର ୧୯୮୪ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ବକୁଳବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ରମାନେ ପରିବେଶ ପରିଚ୍ଛନ୍ନତାକୁ ଦୃଷ୍ଟିରେ ରଖି ସେଠାରେ ୩ଟି ସିମେଣ୍ଟ ନନ୍ଦରେ ଗୋଟିଏ ଡଷ୍ଟବିନ ସ୍ଥାପନ କରିଛନ୍ତି। ବାହାରେ ଆବର୍ଜନା ଯୋଗୁ ସୃଷ୍ଟି ହେଉଥିବା ଅପରିଷ୍କାର ପରିବେଶରେ ସୁଧାର ଆଣିବା ପାଇଁ କୁଣ୍ଡ ସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପରିବେଶ ସୁରକ୍ଷା ଜୀବନ ରକ୍ଷା। ତେଣୁ ବନ୍ଧୁମାନଙ୍କ ସହଯୋଗରେ ଏହି ବ୍ୟବସ୍ଥାକୁ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି ବୋଲି ଆୟୋଜକ ସୁରରାଜ ମିଶ୍ର ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହପାଠୀ ବନ୍ଧୁ ବ୍ରଜବନ୍ଧୁ ମହାପାତ୍ର, କପିଳେନ୍ଦ୍ର ମହାପାତ୍ର, ଶରତ ଜେନା, ନରେନ୍ଦ୍ର ଛାଟୋଇ, ଲକ୍ଷ୍ମୀଧର ବିଶ୍ୱାଳ, ରବି ସେଠୀ, ଅବକାଶ ନାୟକ, ଲିଙ୍ଗରାଜ ଦଳେଇ, ସର୍ବେଶ୍ୱର ପ୍ରଧାନ, ସନ୍ଧ୍ୟାରାଣୀ ମିଶ୍ର, ସନ୍ଧ୍ୟାରାଣୀ ଦେବୀ ଏବଂ ନିର୍ମଳା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ବେରବୋଇ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଡେଲାଙ୍ଗ,୩୧।୩(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକ ଅଧୀନସ୍ଥ ବେରବୋଇ ଉଚ୍ଚ ବିଦ୍ୟାଳୟର ୨୦୦୮ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ମା' ଜାଗୁଲାଇଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ପ୍ରଶାନ୍ତ ଦାଶ, ପ୍ରଦୀପ୍ତ ମହାନ୍ତି, ଆକାଶ ଭରଦ୍ୱାଜ, ସର୍ବେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବନ୍ଧୁମିଳନରେ ୪୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପୁରୁଣା ଦିନର ସ୍ମୃତିକୁ ମନେପକାଇବା ସହିତ ବନ୍ଧୁମାନଙ୍କ ମଧ୍ୟରେ ସୁଖଦୁଃଖରେ ଭାଗୀଦାରୀ ହେବାକୁ ଶପଥ ପାଠ କରିଥିଲେ। ବିଦ୍ୟାଳୟର ଅଲୁମିନା ଗ୍ରୁପରେ ସମସ୍ତେ ସାମିଲ ହେବା, ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠପଢ଼ିବାରେ ଉତ୍ସାହ କରିବା ଓ ପ୍ରତ୍ୟେକ ସାମାଜିକ କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରିବା ନେଇ ଆଲୋଚନା ହୋଇଥିଲା। ପରିଶେଷରେ ମନ୍ଦିର ପରିସରରେ ବୃକ୍ଷ ଚାରାରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରୀଛାତ୍ର ଲୋପାମୁଦ୍ରା ମହାନ୍ତି, ରଶ୍ମିତା ରାଉତ, ସଙ୍ଗୀତା ନାୟକ, ସୋନାଲିଶା ପଟ୍ଟନାୟକ, ସ୍ୱର୍ଣ୍ଣଲତା ସାହୁ, ଅମୂଲ୍ୟ ରାଉତ, ଆଲୋକ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦ୍ୱିତୀୟ ବୀର କଳିଙ୍ଗ ପୁତ୍ର ପ୍ରତିଯୋଗିତାରେ ୧୩୦ ପ୍ରତିଯୋଗୀ

ପୁରୀ,୩୧।୩(ଅଜିତ୍ ମହାନ୍ତି):

ପୁରୀ ଜିଲା ବଡି ବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିତୀୟ ବୀର କଳିଙ୍ଗ ପୁତ୍ର ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ଏହା ୨ ଦିନ ଧରି ଚାଲିବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ମୋଟ ୧୨ଟି ବିଭାଗରେ ପ୍ରତିଯୋଗିତା କରାଯାଉଛି। ରବିବାର ପ୍ରତିଯୋଗୀଙ୍କ ଓଜନ ମାପି ସେମାନଙ୍କ ବିଭାଗୀକରଣ କରାଯାଇଥିଲା। ସୋମବାରଠାରୁ ଟାଉନ୍ ହଲଠାରେ ପ୍ରତିଯୋଗିତା ହେବ। ଏନେଇ ରବିବାର ସମୁଦ୍ରକୂଳସ୍ଥିତ ବ୍ୟାୟାମ ଭବନ ପରିସରରେ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବଡି ବିଲ୍ଡିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ମହାସୁଆର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ବଡି ବିଲ୍ଡିଂ ଆସୋସିଏଶନ ସଭାପତି ସତ୍ୟ ନାରାୟଣ ମହାନ୍ତି, ସମ୍ପାଦକ ଭାରତୀକୃଷ୍ଣ ବ୍ରହ୍ମା, ଗୁରୁ ନାରାୟଣ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ, ସେମାନେ ଆସନ୍ତା ୬ ଓ ୭ ତାରିଖରେ ଗୋଆଠାରେ ଅନୁଷ୍ଠିତ ହେବାକୁ ଥିବା ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିବାକୁ ସୁଯୋଗ ପାଇବେ। ସମସ୍ତ କାର୍ଯ୍ୟକ୍ରମକୁ ଆସୋସିଏଶନର ପଙ୍କଜଲୋଚନ ପ୍ରତିହାରୀ, ଅନିଲ ଗୋଚ୍ଛିକାର, ପ୍ରମୋଦ ସାହୁ, ଲକ୍ଷ୍ମୀ ନାରାୟଣ ପ୍ରତିହାରୀ, ସଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ପାଇଥିବା ଟଙ୍କା ଫେରାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

ଗୋପ,୩୧।୩ (ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ- ବାଲିଘାଇ ରାସ୍ତାର ଷୋଳପୁର ନିକଟ ରାଜରାସ୍ତାରୁ ପାଇଥିବା ଟଙ୍କା ଓ କେତେକ ଦରକାରୀ କାଗଜପତ୍ରକୁ ନାଗପୁର ଉପସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଫେରାଇ ମାନବିକତାର ପରିଚୟ ଦେଇଛନ୍ତି। ପ୍ରକାଶ ଯେ, ପୁରୀ ଜିଲା ଅଧୀନ ନାଗପୁର ଉପସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ ରୋଗୀ ନେବା ଲାଗି ରବିବାର ନିମାପଡ଼ା ଅଞ୍ଚଳକୁ ଯାଉଥିବାବେଳେ ଷୋଳପୁର ନିକଟରେ ଗୋଟିଏ ମନିପର୍ସ ପଡ଼ିଥିବା ଦେଖି ଗାଡ଼ି ଡ୍ରାଇଭର ସନ୍ତୋଷ ଖୁଣ୍ଟିଆ ପାଖରେ ରଖିଥିଲେ। ୧୦୮ ଆମ୍ବୁଲାନ୍ସର ଆଉ ୨ କର୍ମଚାରୀ ଆଶିଷ ରଞ୍ଜନ ମୁଦୁଲି, ସତ୍ୟରଞ୍ଜନ ସ୍ୱାଇଁ ଏହି ମନିପର୍ସ ତନଖି କରିବାରେ ସେଥିରେ ୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହିତ ଆଉ କେତେକ ଦରକାରୀ କାଗଜପତ୍ର ରହିଥିବା ଦେଖିଥିଲେ। ମନିପର୍ସଟି ଗୋପ ବ୍ଲକ ଅଞ୍ଚଳ ପରାଳ ଗ୍ରାମର ବୁଲୁ ସାହୁଙ୍କର ବୋଲି ଜଣାପଡ଼ିଥିଲା। ଜରୁରିକାଳୀନ ସେବା କ୍ଷେତ୍ରରେ ଥିବାରୁ ଏହି କର୍ମଚାରୀମାନେ ରବିବାର ଅପରାହ୍ଣରେ ଅଟୋ ଡ୍ରାଇଭର ବୁଲୁ ସାହୁଙ୍କୁ ଟଙ୍କା ସହିତ ଅନ୍ୟାନ୍ୟ କାଗଜପତ୍ର ଫେରସ୍ତ କରିଛନ୍ତି। ଏପରି ଏକ ଘଟଣାକୁ ନେଇ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ସାଧାରଣରେ ସାଧୁବାଦ ଜଣାଯାଇଛି।

# ଶିକ୍ଷା ଚରିତ୍ର, ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟାଦଶ ବାର୍ଷିକୋତ୍ସବରେ ଛାତ୍ରୀଛାତ୍ରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

ଗୋପ,୩୧।୩ (ଭାରତୀ ଭୂଷଣ ଉପାଧ୍ୟାୟ):

ଶିକ୍ଷା ଆମକୁ କେବଳ ଶିକ୍ଷାଦାନ କ୍ଷେତ୍ରରେ ସଫଳତା ଦିଏନାହିଁ। ଶିକ୍ଷା ଆମର ଚରିତ୍ର ସହିତ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ। ରବିବାର ଗୋପ ମାଟିଆଖାତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟାଦଶ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଯୁବ ନେତୃତ୍ୱ କରୁଣାକର ସାହୁ ଯୋଗଦେଇ ଏହା କହିଛନ୍ତି। ବିଦ୍ୟାମନ୍ଦିର ପ୍ରତିଷ୍ଠାତା ତଥା ସମ୍ପାଦକ ଅଜୟ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ ବେହେରା, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁ, ସ୍କୁଲ ସଭାପତି ତଥା ପ୍ରଧାନ ଆଚାର୍ଯ୍ୟ ଅଶୋକ ବାରିକ, ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା ଆମ ପିଲାମାନଙ୍କ ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୦୨୩-୨୪ ବର୍ଷ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସାଉଁଟିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଶିଶୁ ବିଦ୍ୟାମନ୍ଦିରର କୁନି କୁନି ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# 'ବିଦ୍ୟାର୍ଥୀମାନେ ଉଚ୍ଚାକାଂକ୍ଷୀ ହୁଅନ୍ତୁ'

ପୁରୀ,୩୧।୩(ଅଜିତ୍ ମହାନ୍ତି)

**ଭଗବତୀ ବିଦ୍ୟା ନିକେତନର ରୌପ୍ୟଜୟନ୍ତୀ ସମାରୋହ**

ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନର ରୌପ୍ୟ ଜୟନ୍ତୀ ସମାରୋହ ଆଖଣ୍ଡଳମଣି ତପୋବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ବିଦ୍ୟା ନିକେତନର ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହକୁ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ଡ. ଇତି ସାମନ୍ତ, ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା ଏବଂ ଡିଷ୍ଟ୍ରିକ୍ଟ ଲାୟନ୍ସ ଚେୟାର ପର୍ସନ୍ ଗିରୀଶ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ସେହିପରି ଶୁକ୍ରବାର ଉଦ୍‌ଯାପନୀ ସମାରୋହରେ କିସ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ରିସର୍ଚ୍ଚ ଚେୟାରର ପ୍ରଫେସର ଡ. ବିଜୟାନନ୍ଦ ସିଂହ, ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ମଞ୍ଚାସୀନ ଥିଲେ। ବିଦ୍ୟାର୍ଥୀମାନେ ଉଚ୍ଚାକାଂକ୍ଷୀ ହେବା ସହ ରାଷ୍ଟ୍ର ପ୍ରଗତି ପାଇଁ ସ୍ୱପ୍ନ ଦେଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାକୁମାରୀ ଦେଇ ସମାରୋହର ଉଦ୍ଦେଶ୍ୟ ଜ୍ଞାପନ ଏବଂ ସମ୍ପାଦକ ମହେନ୍ଦ୍ର ବିଶୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଭ୍ୟର୍ଥନା କମିଟି ଅଧକ୍ଷ ବୀରେନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ପ୍ରତିଜ୍ଞା' ଉନ୍ମୋଚିତ ହୋଇଥିଲା। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପିପିଲି ବ୍ଲକ ଅନ୍ତର୍ଗତ ବୀରପୁରୁଷୋତ୍ତମପୁର ପତିତପାବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମିଶ୍ର ଏବଂ ଗୋପ ବ୍ଲକ ଭୂଆଁସ୍ଥିତ ବାସୁଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଞ୍ଜୁଲତା ନାୟକଙ୍କୁ ଶିକ୍ଷକ ଗୌରବ ସମ୍ମାନ, ଯୋଗଗୁରୁ ବନମାଳୀ ପଣ୍ଡାଙ୍କୁ 'କୈଳାସ ରାୟ ସ୍ମୃତିସମ୍ମାନ', ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷା, ସଙ୍ଗୀତ, ନୃତ୍ୟ ଓ ଯୋଗ କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ୩୨ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅର୍ପିତା ପ୍ରଧାନ ଶ୍ରେଷ୍ଠ ବିଦ୍ୟାର୍ଥୀ ରୂପେ ପୁରସ୍କୃତ ହୋଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରାଣକୃଷ୍ଣ-ଅନ୍ନପୂର୍ଣ୍ଣା ମେଧା ପୁରସ୍କାର, କୁନ୍ତଳା ଦାସ ସ୍ମୃତି ପୁରସ୍କାର, ପ୍ରଭାତ କୁମାର ମିଶ୍ର ସ୍ମୃତି ପୁରସ୍କାର, ଡ. ଭୀମସେନ ସ୍ମୃତି ପୁରସ୍କାର, ଦ୍ୱିଜବର ପଲାଇ ସ୍ମୃତି ପୁରସ୍କାର ଆଦି ପ୍ରଦାନ କରାଯାଇଥିଲା। ସହସମ୍ପାଦକ ଲକ୍ଷ୍ମୀଧର ମାଝୀ ଧନ୍ୟବାଦ ଦେଇଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଦର୍ଶକଙ୍କୁ ବିମୋହିତ କଲା ନୃତ୍ୟନାଟିକା 'ଏଇ ଆମରି ଗାଁ'

**ରାମହରି ଦାସ ଗୁରୁକୁଳ ଉତ୍ସବ ଉଦ୍‌ଯାପିତ**

ସାକ୍ଷୀଗୋପାଳ,୩୧।୩(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର/ଭରତ ରାଉତ):



କାର୍ଯ୍ୟକ୍ରମରେ ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ।

ସତ୍ୟବାଦୀର ବଡ଼ହାଟ ବୀରଗୋବିନ୍ଦପୁର ଠାରେ ପ୍ରତିଷ୍ଠିତ ରାମହରି ଦାସ ଗୁରୁକୁଳ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ୩ ଦିନିଆ ଗୁରୁକୁଳ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁ ରବିଶଙ୍କର ପ୍ରଧାନଙ୍କ ଏକକ ସିତାର ବାଦନ, ସରିତା ମିଶ୍ରଙ୍କ ଏକକ ଓଡ଼ିଶୀ ନୃତ୍ୟ, କ୍ରିଏଟିଭ ମାସ ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ଓ ଗୁରୁ କୁମାର ଚନ୍ଦ୍ର ସେଠୀ ଏବଂ ସାଥୀ ଦ୍ୱାରା ନୃତ୍ୟନାଟିକା 'ଏଇ ଆମରି ଗାଁ' ପରିବେଷଣ କରାଯାଇଥିଲା। ଏଥିରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଭୁବନେଶ୍ୱର ଅଧକ୍ଷ ଗୁରୁ ଡ. ବିଜୟ ଜେନା ଯୋଗଦେଇ ଠାକୁରଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅତିଥିମାନେ କଳା କ୍ଷେତ୍ରରେ ରାମହରି ଦାସ ଗୁରୁକୁଳ ଟ୍ରଷ୍ଟର ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଏ କ୍ଷେତ୍ରରେ ଉତ୍ତମ ଭବିଷ୍ୟତ କାମନା କରିଥିଲେ। ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ରାମହରି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଗୁରୁ ହିମାଂଶୁ ସ୍ୱାଇଁ ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୦୩।୨୦୨୪

| ୬,୪୨,୮୩୩ ଟଙ୍କା | |
|---|---|
| ସୁନା | ୨୧.୧୦୦ ଗ୍ରାମ୍ |
| ରୁପା | ୨୩.୨୫୦ ଗ୍ରାମ୍ |

## ସଂକ୍ଷେପରେ

### ମୋବାଇଲ ଲୁଟ୍ ପାଇଁ ହାଣିଲେ

**ଭୁବନେଶ୍ୱର,୩୧।୩(ସତ୍ୟଜିତ୍ ରାଉତ):** ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପ ନିକଟରେ ମୋବାଇଲ ଲୁଟ୍ ପାଇଁ ଜଣେ ଲୋକଙ୍କୁ କଟୁରୀରେ ହାଣିଛନ୍ତି ଦୁଇ ଦୁର୍ବୃତ୍ତ। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଆହତ ବ୍ୟକ୍ତି ଜଣଙ୍କ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ଏସଂକ୍ରାନ୍ତରେ ଏତଲା ପରେ ରବିବାର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଟିମ୍ ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ପଚରାଉଚରା ଜାରି ରଖିବଛି। ସୋମବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ଆକ୍ରମଣର ଶିକାର ବ୍ୟକ୍ତି ଜଣଙ୍କ ରବୀନ୍ଦ୍ର ମଣ୍ଡପ ନିକଟରେ ଯାଉଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ସୁଯୋଗ ଦେଖି ଉଭୟେ ଉକ୍ତ ବ୍ୟକ୍ତିଙ୍କ ପାଖରୁ ମୋବାଇଲ ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ସେ ଏହାକୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତଦ୍ୱୟ ଏକ କଟୁରୀରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲା।

### ଗୋରୁ ଗାଡ଼ି ଜବତ, ୨ ଗିରଫ

**ଚୌଦ୍ୱାର,୩୧।୩(ଆଶୁତୋଷ ଦାସ):** ଚୌଦ୍ୱାର ଥାନା ଅନ୍ତର୍ଗତ ମହିସାଲଣ୍ଡା ଗ୍ରାମ ନିକଟରୁ ପୋଲିସ ଏକ ଗୋରୁ ବୋଝେଇ ଟାଟା ଏସିଇ ଗାଡ଼ି ଜବତ କରିଛି। ବେଆଇନ ଗୋଚାଲାଣ ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ଭଗତପୁରର ସଦମା ଖାନ୍ ଓ ମିର୍ଜା ସଦ୍ଦିର। ପୋଲିସ ସୂଚନା ଅନୁଯାୟୀ, ବେଆଇନ ଗୋରୁ ଚାଲାଣ ହେଉଥିବା ଖବରପାଇ ଚୌଦ୍ୱାର ଥାନାର ଏକ ଟିମ୍ ମହିସାଲଣ୍ଡା ରାସ୍ତାରେ ଜଗି ରହିଥିଲା। ସେହି ବାଟ ଦେଇ ଗୋରୁ ଗାଡ଼ି ଆସିବା ପରେ ପୋଲିସ ଅଟକାଇଥିଲା। ପରେ ଗାଡ଼ିକୁ ଜବତ କରି ଥାନାକୁ ନେବା ସହ ୫ ଗୋରୁଙ୍କୁ ଉଦ୍ଧାର କରି ମଙ୍ଗରାଜପୁରସ୍ଥିତ ନନ୍ଦଗାଁ ଗୋଶାଳାରେ ଛାଡିଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୧୯୨/୨୪) ରୁଜୁ ହୋଇଛି।

### ବଳାତ୍କାର ମାମଲାରେ ଅଭିଯୁକ୍ତ କୋର୍ଟଚାଲାଣ

**ବାଲୁଗାଁ,୩୧।୩(ସଂଗ୍ରାମ ପାଇକରାୟ):** ଜଣେ ମହିଳାଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରି ପରବର୍ତ୍ତୀ ସମୟରେ ଟଙ୍କା ଲୁଟ୍ ଓ ବଳାତ୍କାର କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ରବିବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବାଣପୁର ଥାନା ଆୟଉପୁର ଅଞ୍ଚଳର ଭୀମ ପଲେଇ। ପୋଲିସ ସୂଚନା ମୁତାବକ, ବାଲୁଗାଁ ଅଞ୍ଚଳର ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବିଦେଶରେ ରହି କାମ କରୁଥିବା ବେଳେ ସେ ଘରେ ଏକାକୀ ରୁହନ୍ତି। କିଛିମାସ ପୂର୍ବେ ଭୀମଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା। ପରବର୍ତ୍ତୀ ସମୟରେ ଧରମ ଭାଇ ଭଉଣୀ ଭାବେ ସମ୍ପର୍କ ଗଢ଼ିଉଠିଥିଲା। ମହିଳାଙ୍କ ସରଳତାର ସୁଯୋଗ ନେଇ ଭୀମ ତାଙ୍କଠାରୁ ବହୁ ଟଙ୍କା ହଡ଼ପ କରିନେଇଥିଲେ। ଏଥିସହ ଅଭିଯୁକ୍ତ ଜଣକ ମହିଳାଙ୍କୁ ଜୋର ଜବରଦସ୍ତ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୨୪/୨୪) ରୁଜୁକରି ତଦନ୍ତ ଚଳାଇବା ସହ ଅଭିଯୁକ୍ତ ଭୀମଙ୍କୁ ଗିରଫ କରିଥିଲା।

# ରାଜଧାନୀରୁ ଧରାପଡ଼ିଲେ ୨ ନିଶାଦିଆ ଲୁଟେରା

**ଭୁବନେଶ୍ୱର,୩୧।୩ (ସୂର୍ଯ୍ୟକାନ୍ତ ବେହେରା)**

## ଅଟୋ, ନିଶା ଔଷଧ, ୭ ହଜାର ଟଙ୍କା, ୪ ମୋବାଇଲ ଜବତ



ଗିରଫ ୨ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ରାଜଧାନୀ ଭୁବନେଶ୍ୱରରୁ ଜଣେ ପରିବା ବ୍ୟବସାୟୀଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଲୁଟ୍ କରିବା ପରେ ଜଗତ୍‌ପୁରରେ ଛାଡ଼ି ଫେରାର ହେବା ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ରବିବାର ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱରରେ ରହୁଥିବା ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ବୁଦ୍ଧିରାମ ସ୍ୱାଇଁ ଏବଂ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳର ଗୁଡ୍ଡୁ ନାୟକ। ଉଭୟଙ୍କଠାରୁ ଗୋଟିଏ ଅଟୋ, ନିଶା ଔଷଧ, ୭ ହଜାର ଟଙ୍କା, ୪ଟି ମୋବାଇଲ ଫୋନ ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସାହାଯ୍ୟ କରିବା ଆଳରେ ଅଭିଯୁକ୍ତଦ୍ୱୟ ଖାଦ୍ୟ କିମ୍ବା ଥଣ୍ଡା ପାନୀୟରେ ନିଶା ଦେଇ ବୟସ୍କ ଲୋକଙ୍କୁ ଟାର୍ଗେଟ କରି ଲୁଟିଥାନ୍ତି ବୋଲି ତଦନ୍ତ ବେଳେ ଜଣାପଡିଥିବା ରବିବାର ଏକ ଖବରଦାତା ସମ୍ମିଳନୀରେ ଜୋନ–୫ ଏସ୍‌ପି ଗୌତମ କିଶାନ କହିଛନ୍ତି। ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ବୁଦ୍ଧିରାମଙ୍କ ବିରୋଧରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୨ଟି ଏବଂ ଗୁଡ୍ଡୁଙ୍କ ନାଁରେ ଗୋଟିଏ ମାମଲା ରହିଛି।

ପୋଲିସ ସୂଚନାନୁଯାୟୀ, ଭୁବନେଶ୍ୱର ୟୁନିଟ–୧ ହାଟରେ ନରେଶ ସ୍ୱାଇଁ ପରିବା ବିକ୍ରି କରନ୍ତି। ସବୁଦିନ ପରି ୨୦ ତାରିଖରେ ସେ ପରିବା ବିକ୍ରି କରିବାକୁ ଯାଇଥିଲେ। ହେଲେ କିଛି ପରିବା ବଳକା ରହିଥିବାରୁ ତାହାକୁ ୨୧ ତାରିଖରେ ବିକ୍ରି କରିବାକୁ ସେଠାକୁ ଯାଇଥିଲେ। ପରିବା ବିକି ସାରି ମଧ୍ୟାହ୍ନରେ ନରେଶ ଘରକୁ ଫେରୁଥିଲେ। ତେବେ ସେ ଆଚାର୍ଯ୍ୟ ବିହାର ଛକରେ ଗାଡ଼ିକୁ ଅପେକ୍ଷା କରିଥିବା ସମୟରେ ବୁଦ୍ଧିରାମ ଓ ଗୁଡ୍ଡୁଙ୍କ ହାବୁଡ଼ରେ ପଡ଼ିଥିଲେ । ଏହାପରେ ଅଭିଯୁକ୍ତଦ୍ୱୟ ତାଙ୍କ ଅଟୋରେ ଯିବା ପାଇଁ ବାହାନା କରି ନରେଶଙ୍କୁ ଡାକିଥିଲେ। କିଛି ବୁଝି ନ ପାରି ସେମାନଙ୍କ ଅଟୋରେ ବସିଥିଲେ ନରେଶ। ଅଟୋ ଚାଲିବାର କିଛି ସମୟ ପରେ ବୁଦ୍ଧିରାମ ଓ ଗୁଡ୍ଡୁ ଥଣ୍ଡା ପାନୀୟରେ ନିଶା ଔଷଧ ମିଶାଇ ନରେଶଙ୍କୁ ପିଇବାକୁ ଦେଇଥିଲେ। ନରେଶ ତାହା ପିଇ ଚେତାଶୂନ୍ୟ ହୋଇପଡ଼ିବାରୁ ଅଭିଯୁକ୍ତଦ୍ୱୟ ତାଙ୍କଠାରୁ ୪୨ ହଜାର ଟଙ୍କା ଲୁଟି ନେଇଥିଲେ। ପରେ ତାଙ୍କୁ କଟକର ଜଗତପୁର ବଜାରରେ ପକାଇ ଚମ୍ପଟ ମାରିବା ସହ ମୋବାଇଲ ଫୋନକୁ ମହାନଦୀରେ ଫିଙ୍ଗି ଦେଇଥିଲେ। ନରେଶ ଘରକୁ ନ ଫେରିବାରୁ ତାଙ୍କ ପୁଅ ମନୋରଞ୍ଜନ ସ୍ୱାଇଁ ବାପାଙ୍କ ମୋବାଇଲକୁ ଫୋନ କରିଥିଲେ। କିନ୍ତୁ ନରେଶଙ୍କ ଫୋନ ସୁଇଚ୍ ଅଫ୍ ଦେଖାଇଥିଲା। ଏହାର କିଛି ସମୟ ପରେ ମନୋରଞ୍ଜନଙ୍କ ମୋବାଇଲକୁ ଏକ ଫୋନ କଲ ଆସିଥିଲା। ପରେ ମନୋରଞ୍ଜନ ଜଗତପୁର ବଜାରରେ ପହଞ୍ଚି ବାପାଙ୍କୁ ଉଦ୍ଧାର କରି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ନରେଶ ସୁସ୍ଥ ହେବା ପରେ ପୂରା ଘଟଣା କହିଥିଲେ। ମନୋରଞ୍ଜନ ଏନେଇ ଶହୀଦନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଦ୍ୱୟ ଜବତ ଔଷଧ ବାଲେଶ୍ୱରରୁ କିଣିଥିଲେ। ତେବେ ବାଲେଶ୍ୱରରୁ କେଉଁ ଔଷଧ ଦୋକାନରୁ କିଣିଥିଲେ ସେ ନେଇ ପୋଲିସ ତଦନ୍ତ କରୁଛି।



**ପୁରୀ:** ତାତିରୁ ତ୍ରାହି ପାଇବା ପାଇଁ ପର୍ଯ୍ୟଟକମାନେ ରବିବାର ସମୁଦ୍ର ସ୍ନାନର ମଜା ନେଉଛନ୍ତି।

# ଜଳିଗଲା ୫୦ରୁ ଉର୍ଦ୍ଧ୍ୱ ଏକରର ପାଖୁଡ଼ି କିଆରି

**ଅସ୍ତରଙ୍ଗ,୩୧।୩(ପ୍ରଦୀପ୍ତ ଦୀକ୍ଷିତ)**



ପ୍ରଚଣ୍ଡ ଗ୍ରୀଷ୍ମପ୍ରଭାବ ସାଙ୍ଗକୁ ବହୁଛି ଦକ୍ଷିଣା ପବନ। ଏହି ସମୟରେ ଅସ୍ତରଙ୍ଗ ନିକଟ ନାଗପୁରଠାରୁ ସିଲାରୀ ପର୍ଯ୍ୟନ୍ତ ପାଖୁଡି କିଆରିରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ଫଳରେ ୫ଶହ ମିଟର ଭିତରେ ଥିବା ୫୦ ଏକର ଜମିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ପାଖୁଡ଼ି ନଷ୍ଟ ହୋଇଯାଇଛି। ଏହାର ଧୂଆଁ ୫ କି.ମି ପର୍ଯ୍ୟନ୍ତ ବ୍ୟାପୀ ଯାଇଥିଲା। ଖବର ପାଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମଧ୍ୟାହ୍ନରୁ ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ ନିଆଁକୁ ଆୟତ୍ତ କରିଥିଲେ। ତେବେ ସିଲାରୀ, ନାଗପୁର ସମେତ ଆଖପାଖ ଅଞ୍ଚଳର ଚାଷୀମାନେ ଧାନଚାଷ ସହିତ ପାନଚାଷକୁ ମୁଖ୍ୟ ବେଉସା ଭାବରେ ଗ୍ରହଣ କରିଥାନ୍ତି। ପାନ ବରଜରେ ପାଖୁଡ଼ି ମୁଖ୍ୟ କଞ୍ଚାମାଲ ଭାବରେ ବ୍ୟବହାର ହୋଇଥାଏ। ସେଥିପାଇଁ ସ୍ଥାନୀୟ ଲୋକେ ଧାନଚାଷ ପରି ପାଖୁଡ଼ି ଚାଷ କରିଥାନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀ କ୍ଷତିପୂରଣ ପାଇଁ ଦାବି କରିଛନ୍ତି। ଏହି ନିଆଁ ଲିଭାଇବା କାର୍ଯ୍ୟରେ ଷ୍ଟେଶନ ଅଫିସର ପ୍ରହ୍ଲାଦ ରାୟ, ହାବିଲଦାର ଅନାମ ଚରଣ ମଲ୍ଲିକ, ତାପସ ରାଉତ, ଆଗ୍ନିକ ସାରଦା ପ୍ରସନ୍ନ ସ୍ୱାଇଁ, ନିରଞ୍ଜନ ମାନସିଂ ସାମିଲ ଥିଲେ।

## ମାଙ୍କଡ଼ା ବୋଝେଇ ଟ୍ରାକ୍ଟର ଜବତ: ଚାଳକ ଗିରଫ

**ନିରାକାରପୁର,୩୧।୩(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ମାଙ୍କଡ଼ା ପଥର, ମୋରମ ଚୋରାଚାଲାଣ ବଢ଼ିଚାଲିଛି। ରବିବାର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ନୂଆଗଡ଼ ପଞ୍ଚାୟତର ହରିପୁର ରାସ୍ତାରେ ଯାଞ୍ଚ କରାଯାଇଥିଲା। ଓଡି–୦୨–ଏଇ–୫୪୮୧ ନମ୍ବରବିଶିଷ୍ଟ ଟ୍ରାକ୍ଟରକୁ ଯାଞ୍ଚବେଳେ ନମ୍ବରବିହୀନ ଟ୍ରଲିରେ ମାଙ୍କଡ଼ା ପଥର ଚୋରାଚାଲାଣ ହେଉଥିବା ଜଣାପଡ଼ିଥିଲା। ଏହାପରେ ପୋଲିସ ଉକ୍ତ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକ ପ୍ରଶାନ୍ତ ପ୍ରଧାନ (୪୦)ଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୯୧/୨୪) ରୁଜୁ ହୋଇଛି ବୋଲି ଏଏସ୍‌ଆଇ ତପନ ପ୍ରଧାନ ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ କଳା ଶିବିର ଉଦ୍‌ଯାପିତ



ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଦ୍ୱାରା ଆୟୋଜିତ କଳା ଶିବିରରେ ଅତିଥିଙ୍କ ଗହଣରେ ଚିତ୍ରଶିଳ୍ପୀ।

## ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା, ଶିବିରାର୍ଥୀଙ୍କୁ ପ୍ରମାଣପତ୍ର

**ଭୁବନେଶ୍ୱର,୩୧।୩(ଶର୍ମିଷ୍ଠା ପାଣିଗ୍ରାହୀ)**

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଅନ୍ୟତମ ଶାଖା ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଭୁବନେଶ୍ୱର ନୀଳାଦ୍ରୀବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର ପରିସରରେ ଆୟୋଜିତ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଚିତ୍ରାଙ୍କନ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଯୋଗଗୁରୁ ଡ. ମନୋରଞ୍ଜନ ସାହୁଙ୍କ ଦ୍ୱାରା ଯୋଗଶିକ୍ଷାର ପୁନରାବୃତ୍ତି ସହ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏଥିରେ ୩୦ଟି ଜିଲାରୁ ୧୬୦ ଜଣ ପିଲା ଭାଗନେଇଥିଲେ। ପ୍ରଦର୍ଶନୀରେ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ ମୁଖ୍ୟ ଅତିଥି ଓ ସାହିତ୍ୟାଲୋକ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ ଶିଳ୍ପୀ ରାଜବଲ୍ଲଭ ସାହୁ ଅଧ୍ୟକ୍ଷତା କରିଥିଲେ। ଶିଳ୍ପୀ ରବୀନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଗଜେନ୍ଦ୍ର ପ୍ରସାଦ ସାହୁ ଉଦ୍‌ଯାପନୀ ଅଭିଭାଷଣ ରଖିଥିଲେ।

ସାହିତ୍ୟିକ ତଥା ନାଟ୍ୟକାର କିଶୋର ଚନ୍ଦ୍ର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ଶିଳ୍ପୀ ସର୍ବଶ୍ରୀ ଗଜେନ୍ଦ୍ର ପ୍ରସାଦ ସାହୁ, ରାଜବଲ୍ଲଭ ସାହୁ, ରବୀନ୍ଦ୍ରନାଥ ସାହୁ, ଗୋପାଳ ଚରଣ ସାମଲ, ଅମରେନ୍ଦ୍ର ମହାରଣା, ଚିତ୍ରସେନ ବିଶୋଇ, ସସ୍ମିତା ପତି, ମହେଶ ପାଣ୍ଡେ, ନନ୍ଦେଶୁ ରାଓଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧ୍ୟାପକ ଆଶିଷ କୁମାର ରାଠୋର ଧନ୍ୟବାଦ ଦେଇଥିଲେ। ନାରାୟଣ ଚନ୍ଦ୍ର ବୋଇତାଇ, ପ୍ରଶାନ୍ତ କୁମାର ବେହେରା, ଲମ୍ବୋଦର ସାହୁ, ନିରଞ୍ଜନ ଗାହଣ, ଜ୍ୟୋତ୍ସ୍ନାରାଣୀ ଜେନା, ତନୟା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯାଜପୁରସ୍ଥିତ ଅଦ୍ୱୈତ ପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସୋନାଲି ଆଚାର୍ଯ୍ୟ ଏବଂ ସୋରୋ ପୁରୁବାଇ କନ୍ୟାଶ୍ରମର ଅନ୍ତେବାସୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପାତ୍ର ଓ ପୂଜା ସିଂଙ୍କ ନୃତ୍ୟ ମନୋମୁଗ୍ଧକର ପରିବେଶ ସୃଷ୍ଟି କରିଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅସିତ୍



@ ପ୍ରକାଶ



@ ପୂଜା



@ ବିଚିତ୍ରାନନ୍ଦ



@ ସୌମ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋରୁ ବୋଝେଇ ଗାଡ଼ି ଜବତ, ୫ ଗିରଫ

**କଳାପଥର,୩୧।୩(ଗଙ୍ଗାଧର ସାହୁ)**

ବୈଦେଶ୍ୱର ଥାନା ପୋଲିସ ରବିବାର ଗହିରଗାଡ଼ିଆ ଅଞ୍ଚଳରେ ଚଢ଼ାଉକରି ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସନ୍ତୋଷ ଜେନା, ଏସ୍. ସଂଶୁର, ସୁଧୀର ନାୟକ, ରବି ନାୟକ ଏବଂ ସେକ୍ ଶହୀଦ। ଉଦ୍ଧାର ଗୋରୁଙ୍କୁ ଗୋଶାଳାକୁ ପଠାଯିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ବେଗୁନିଆ ଅଞ୍ଚଳରୁ ତିଗିରିଆ ଅଭିମୁଖେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଗୋରୁ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସକୁ ଦେଖି ପିକ୍‌ଅପ୍ ଭ୍ୟାନ୍‌କୁ ଗହିରଗାଡ଼ିଆ ଜଙ୍ଗଲରେ ରଖିଦେଇ ଉପରୋକ୍ତ ମାଫିଆମାନେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲା। ଗତ ଏକ ମାସ ମଧ୍ୟରେ ଶହେରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରାଯାଇଛି ବୋଲି ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀ ସୂଚନା ଦେଇଛନ୍ତି।



ଜବତ ଗୋରୁ ବୋଝେଇ ଗାଡ଼ି ଓ ଗିରଫ ଅଭିଯୁକ୍ତ।

